Weekly Multilingual

ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages- 8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା-୧୮, ଭୁବନେଶ୍ୱର, ୧୮ ରୁ ୨୪ ମାର୍ଚ୍ଚ, ୨୦୨୪ Vol-1, Issue-18, Bhubaneswar, 18 to 24 March , 2024

# ମେଣ୍ଟ ପ୍ରହେଳିକା



ଭୁବନେଶ୍ୱର (ଭିଓଭି): ୨୦୨୪ ନିର୍ବାଚନ ପାଇଁ ମେଣ୍ଟ ରାଜନୀତି ଏବେ ଅତ୍ୟନ୍ତ ରୋଚକ ସ୍ଥିତିରେ ପହଁଞ୍ଚିଛି। ବିଜେପି ବିଜେଡି ମେଣ୍ଟ ପାଇଁ ଆଲୋଚନା କେତେବେଳେ ଦିଲ୍ଲୀରେ, କେତେବେଳେ ଓଡ଼ିଶାରେ ତ ଆଉ କେତେବେଳେ ଆଖି ପିଛୁଳାକେ ଗୁରୁତ୍ୱପୂର୍ଣ ବୈଠକ ବସୁଛି। କିଏ କହୁଛି ଚର୍ଚ୍ଚା ଚାଲିଛି, କିଏ କହୁଛି କୌଣସି ଆଲୋଚନା ହୋଇ ନାହିଁ ତ ଆଉ କିଏ କହୁଛି ସ୍ଥିତି ମଜବୁତ କରିବାକୁ ପ୍ରୟାସ ଚାଲିଛି। ଛକାପଞ୍ଝା ର ଏହି ପ୍ରହେଳିକା ବଢ଼ି ବଢ଼ି ଚାଲିଛି। ଆଉ ତା ଭିତରେ, କିଏ କାହା ପିଠିରେ ବସି ନିର୍ବାଚନ ବୈତରଣୀ ପାରହେବ ସେ କଥାର ସମାଧାନ କିଛି ହୋଇପାରୁନି । ଏପଟେ ଗୋଟିଏ ପରେ ଗୋଟିଏ ବ୍ୟକ୍ତି ଘରୁ ବାସନ୍ଦ ହେବାରେ ଲାଗିଛନ୍ତି, ସେପଟେ ପ୍ରତ୍ୟାଖ୍ୟିତ ଲୋକଙ୍କୁ କୋଳେଇ ନେଇ, ଠିକ ଲୋକ ଠିକ ଜାଗାକୁ ଆସିବାର ଦାବି ହେଉଛି। କିଏ ଭାଙ୍ଗୁଛି ଆଉ କିଏ ସଜାଡି ହେଉଛି ତାର ପ୍ରହେଳିକା ବି ବଢ଼ିବାରେ ଲାଗିଛି। ଦୁଇ ବିଲେଇଙ୍କ କଳି ଭିତରେ ମାଙ୍କଡ଼ ସାଜି ଫାଇଦା ଉଠେଇବା ପାଇଁ ଅସ୍ତିତ୍ୱ ନଥିବା ଦଳ ହାତ ଉଠାଇବାକୁ ପ୍ରୟାସ କରୁଛନ୍ତି। ସତ କଥା ହେଲା ନେତୃତ୍ୱ ସଂକଟ ବା ଦୃଢ଼ ନେତୃତ୍ୱର ଅଭାବ, ସେହି କାରଣରୁ କିଛି ଜଣ ଖାଲି ବାଡେଇ ଛାଟି ହେଉଛନ୍ତି। ଏଭଳି ପରିସ୍ଥିତିରେ ବିଜେପି ଚାଣକ୍ୟ ଙ୍କ ଅସଲ ନିର୍ଦ୍ଦେଶ କୁ ସଭିଏଁ ଅପେକ୍ଷା କରି ବସିଛନ୍ତି।

ଜନତାଙ୍କୁ ଆହୁରି ପ୍ରହେଳିକା ଭିତରକୁ ଠେଲି ଦେବା ନିମନ୍ତେ ଏପଟେ ବିଜେପି ସମସ୍ତ ପ୍ରାର୍ଥୀ ତାଲିକା ଧରି ଦିଲ୍ଲୀ ଗସ୍ତ କରିଛି କହୁଥିବା ବେଳେ ବିଜେଡି ତାର ପୁରୀ ଓ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ରଣନୀତି ବୈଠକ କରିଛି।

ପ୍ରହେଳିକା ର ଅନ୍ତ କେବେ ହେବ ସେକଥାକୁ ନେଇ ଜନସାଧାରଣ ଉତ୍ସୁକତାର ସହିତ ଅପେକ୍ଷା କରିଛନ୍ତି।

## ମେଣ୍ଟ ଚର୍ଚ୍ଚାକୁ ନୂଆମୋଡ଼ ଦେଲେ ପାଣ୍ଡିଆନ

# ବୃହତ୍ତର ଉଦ୍ଦେଶ୍ୟ ପାଇଁ ଏକାଠି ହେବାକୁ ଚାହାଁନ୍ତି ଦୁଇ ନେତା

ଭୁବନେଶ୍ୱର (ଭିଓଭି): ନିର୍ବାଚନୀ ବିଗୁଲ ବାଜିବା ପରେ ବି ରାଜ୍ୟରେ ବିଜେଡି-ବିଜେପି ସମ୍ଭାବ୍ୟ ମେଣ୍ଟକୁ ନେଇ ଜାରି ରହିଥିବା ଚର୍ଚ୍ଚାକୁ ନୂଆମୋଡ଼ ଦେଇଛନ୍ତି ବିଜେଡି ନେତା ଭିକେ ପାଣ୍ଡିଆନ। ଦେଶର ଦୁଇ ମହାନ ନେତା ବୃହତ୍ତର ଉଦ୍ଦେଶ୍ୟ ପାଇଁ ଏକାଠି ହେବାକୁ ଚାହାଁନ୍ତି । ଯାହାକି ରାଜନୀତିରୁ ଊର୍ଦ୍ଧ୍ୱରେ ଓ ଏହା ହିଁ ରାଷ୍ଟ୍ରନୀତି । ନିର୍ବାଚନୀ ଗଣିତ ପାଇଁ ବିଜେଡି କିମ୍ବା ବିଜେପି ଉଭୟଙ୍କୁ ମେଂଟର ଆବଶ୍ୟକତା ନାହିଁ ବୋଲି ପାଣ୍ଡିଆନ କହିଛନ୍ତି । ଏହାସହିତ ସମ୍ଭାବ୍ୟ ମେଣ୍ଟ ଚର୍ଚ୍ଚାରେ ସାମାନ୍ୟ ସ୍ୱଷ୍ଟତା ମଧ୍ୟ ସେ ଆଣିଛନ୍ତି।

ନୂଆଦିଲ୍ଲୀରେ ଏକ ଜାତୀୟ ଟିଭି ଚ୍ୟାନେଲ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେଡିର ଦ୍ୱିତୀୟ କ୍ଷମତାଶାଳୀ ନେତା ଭିକେ ପାଣ୍ଡିଆନ ମେଣ୍ଟକୁ ନେଇ ସିଧାସଳଖ କିଛି ପ୍ରତିକ୍ରିୟା ରଖିନାହାନ୍ତି। ମାତ୍ର ମେଣ୍ଟକୁ ନେଇ ଏକପ୍ରକାର ସ୍ୱଷ୍ଟ ଚିତ୍ର ଦେଇଛନ୍ତି । ମେଣ୍ଟକୁ ନେଇ ଯାହା କିଛି ହେବ ତାହା ସମସ୍ତେ ଜାଣିବା ବୋଲି କହିଛନ୍ତି । ରାଜ୍ୟରେ ବିଜେପି ଓ ବିଜେଡି ମଧ୍ୟରେ ନିର୍ବାଚନୀ ମେଣ୍ଟକୁ ନେଇ ଚାଲିଥିବା ଚର୍ଚ୍ଚା ସମ୍ପର୍କିତ ପ୍ରଶ୍ନର ଉତ୍ତର ରଖି ପାଣ୍ଡିଆନ କହିଛନ୍ତି ଯେ, ରାଜ୍ୟରେ ବିଜେଡିକୁ ନିର୍ବାଚନୀ ଗଣିତ ପାଇଁ ବିଜେପିର ଆବଶ୍ୟକତା ନାହିଁ। ସେହିପରି କେନ୍ଦ୍ରରେ ମଧ୍ୟ ସରକାର ଗଢ଼ିବା ପାଇଁ ବିଜେପିକୁ ବିଜେଡିର ସହଯୋଗ ଦରକାର ବୋଲି ସେ ଭାବୁନାହାନ୍ତି। ନବୀନ ପଟ୍ଟନାୟକଙ୍କୁ ପୁଣିଥରେ କ୍ଷମତାକୁ ଫେରିବା ଓ ଲୋକଙ୍କ ସେବା କରିବା ପାଇଁ ମେଣ୍ଟର ଆବଶ୍ୟକତା ନାହିଁ।

ବିଜେଡି କ୍ରମାଗତ ଭାବେ ରାଜ୍ୟରେ ତିନିଚତୁର୍ଥାଂଶ ଆସନ ଜିତିବାରେ ସକ୍ଷମ ହେଉଛି। ଗତ ପଞ୍ଚାୟତ ନିର୍ବାଚନରେ ୯୦ ପ୍ରତିଶତ ଆସନ ବିଜେଡିକୁ ମିଳିଥିଲା। ବିଜେପିକୁ ମାତ୍ର ୫ ପ୍ରତିଶତ ମିଳିଥିଲା । ନବୀନ ପଟ୍ଟନାୟକ ସର୍ବାଧିକ ଲୋକପ୍ରିୟ ନେତା । ରାଜ୍ୟରେ ସରକାର ଗଢ଼ିବା ପାଇଁ ବିଜେଡିକୁ କାହା ସହ ମେଣ୍ଟ କରିବାର ଆବଶ୍ୟକତା ନାହିଁ । ସେହିପରି ସମସ୍ତ ସର୍ଭେ କହୁଛି କେନ୍ଦ୍ରରେ ନରେନ୍ଦ୍ର ମୋଦି ପୁଣିଥରେ ପ୍ରଧାନମନ୍ତ୍ରୀ ହେବେ । କେନ୍ଦ୍ରରେ ବିଜେପିକୁ ସରକାର ଗଢ଼ିବା ପାଇଁ ବିଜେଡିର ସହାୟତା ଦରକାର ପଡ଼ିବ ନାହିଁ । ତେଣୁ ନିର୍ବାଚନୀ ଗଣିତ ପାଇଁ ବିଜେଡି କିମ୍ବା ବିଜେପି ଉଭୟଙ୍କୁ ମେଣ୍ଟର ଆବଶ୍ୟକତା ନାହିଁ।



ତେବେ ଦୁଇ ମହାନ ନେତା (ନରେନ୍ଦ୍ର ମୋଦି ଓ ନବୀନ ପଟ୍ଟନାୟକ) ବୃହତ୍ତର ଉଦ୍ଦେଶ୍ୟ ପାଇଁ ଏକାଠି ହେବାକୁ ଚାହୁଁଛନ୍ତି । ଦୁଇ ମହାନ ବ୍ୟକ୍ତିଙ୍କର ରାଷ୍ଟ୍ରନୀତି ଦୃଷ୍ଟିରୁ ଗୁରୁତ୍ୱ ରହିଛି । ଏହା ସହ ରାଜନୀତିର କୌଣସି ଦେଣନେଣ ନାହିଁ । ଏହାର ଭୋଟ୍ ଉଦ୍ଦେଶ୍ୟ ଉଭୟ ବିଜେଡି କିମ୍ବା ବିଜେପି ପାଇଁ ମଧ୍ୟ ନାହିଁ । ତେଣୁ ଏହା ଦୁଇ ବ୍ୟକ୍ତିଙ୍କର ପରସ୍ପର ମଧ୍ୟରେ ଥିବା ବନ୍ଧୁତ୍ୱ । ଯାହାକି ରାଜନୀତିରୁ ଊର୍ଦ୍ଧ୍ୱରେ। ଯାହାକି ବିରଳ ରାଷ୍ଟ୍ରନୀତି।

ସେ ନବୀନ ପଟ୍ଟନାୟକଙ୍କୁ ନିଜର ଗୁରୁ ବୋଲି ଅଭିହିତ କରିବା ସହ ତାଙ୍କର ଅନୁଗାମୀ ଭାବେ ତାଙ୍କୁ ସହାୟତା କରିବା ପାଇଁ ରାଜନୀତିରେ ସାମିଲ ହୋଇଥିବା କହିଛନ୍ତି । ରାଜ୍ୟରେ ନବୀନ ପଟ୍ଟନାୟକ ସରକାର ଏବେ 'ଧାର୍ମିକ ଗଭର୍ଣ୍ଣାନ୍ସ'ରେ ବିଶ୍ୱାସ କରୁଛନ୍ତି । ତେଣୁ ସବୁ ଧର୍ମର ଲୋକଙ୍କ ବିଶ୍ୱାସ ସହ ଜଡ଼ିତ ଉପାସନାସ୍ଥଳୀର ପୁନରୁଦ୍ଧାର ଉପରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟ କରୁଛନ୍ତି । ହିନ୍ଦୁ, ମୁସଲିମ, ଖ୍ରୀଷ୍ଟିୟାନ, ଶିଖ୍ ଏପରିକି ଆଦିବାସୀଙ୍କ ପୂଜାସ୍ଥଳୀର ବିକାଶ ଦିଗରେ ସରକାର ପଦକ୍ଷେପ ନେଇଛନ୍ତି । ନବୀନ ପଟ୍ଟନାୟକ ସରକାର ସ୍ପିରିଚୁଆଲ ଗଭର୍ଣ୍ଣାନ୍ସରେ ବିଶ୍ୱାସ କରନ୍ତି । ନବୀନଙ୍କ ପାଇଁ ଲୋକଙ୍କ ସେବା ହେଉଛି ଗୁରୁତ୍ୱପୂର୍ଣ୍ଣ ଓ ସେ ସର୍ବଦା ସେ ଦିଗରେ କାର୍ଯ୍ୟ କରିଥାନ୍ତି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ତେବେ ମେଣ୍ଟକୁ ନେଇ ଯାହା ହେବ ତାହା ସମସ୍ତେ ଜାଣିବା ବୋଲି କହି ମେଣ୍ଟ ସସପେନ୍ସକୁ ପାଣ୍ଡିଆନ ଜାରି ରଖିବାକୁ ପ୍ରୟାସ କରିଛନ୍ତି।

ଅନ୍ୟପକ୍ଷରେ ଆଜି ବିଜେପିର ବରିଷ୍ଠ ବିଧାୟକ ପ୍ରଦୀପ କୁମାର ନାଏକ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବିଜେପି ୧୪୭ ବିଧାନସଭା ଓ ୨୧ ଲୋକସଭା ଆସନରେ ଲଢ଼ିବା ପାଇଁ ପ୍ରସ୍ତୁତ ଅଛି । ବିଜେପି ଏକାକୀ ଲଢ଼ିବା ପାଇଁ ପ୍ରସ୍ତୁତ ହେଉଛି । ସେଥିପାଇଁ ଗାଁକୁ ଚାଲ, ବୁଥକୁ ଚାଲ୍ ଭଳି ଅଭିଯାନ କରୁଛି। ନିଜେ ପ୍ରସ୍ତୁତ ନଥିଲେ କୌଣସି ସ୍ତରରେ ମେଣ୍ଟ ହେଲେ ଆଲୋଚନା କରିହେବ ନାହିଁ । ମେଣ୍ଟ ନିଷ୍ପତ୍ତି ରାଜ୍ୟ ଶାଖା କରିପାରିବ ନାହିଁ । ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରୀୟ ଅଧ୍ୟକ୍ଷ ହିଁ ଚାହିଁଲେ ମେଣ୍ଟ ହୋଇପାରେ । ରାଜ୍ୟ ଯାହା ସ୍ଥିର କରିଛି ତାହା କେନ୍ଦ୍ରକୁ ଜଣାଇବାର ଆବଶ୍ୟକତା ଅଛି । ମେଣ୍ଟ ସମ୍ପର୍କରେ କିଛି କହିବାର ଅଧିକାର ମୋର ନାହିଁ । ରାଷ୍ଟ୍ରୀୟ ସଭାପତି ଓ ରାଜ୍ୟ ସଭାପତି ଯାହା କରିପାରିବେ ବୋଲି ଶ୍ରୀ ନାଏକ କହିଛନ୍ତି।



# ରକ୍ଷକ ସାଜୁଛି ଭକ୍ଷକ !

ଆମ ରାଜ୍ୟରେ ସବୁ ଠିକ୍ ଚାଲିଛି କି ବୋଲି ଏବେ ପ୍ରଶ୍ନ ଉଙ୍କି ମାରୁଛି। ରାଜ୍ୟର ଜଣେ ବରିଷ୍ଠ ମନ୍ତ୍ରୀଙ୍କୁ ସ୍ପଷ୍ଟ ଦିବାଲୋକରେ ଗୁଳିକରି ମାରିଦେବାଟାକୁ ସହଜରେ ଗ୍ରହଣ କରିହେଉନାହିଁ। ଆଇନ ଶୃଙ୍ଖଳାର ଗତି କୁଆଡ଼େ ? ଏହା ବ୍ୟବସାୟ ଜନିତ ବା ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରଚ୍ଛଦପଟରେ ଆଉ କିଛି ରହିଛି ତାହା ଏକ ଅମୀମାସିଂତ ପ୍ରଶ୍ନ। ଯେଉଁ କାରଣରୁ ହେଉନା କାହିଁକି ଓଡ଼ିଶା ପରି ଏକ ଶାନ୍ତିପ୍ରିୟ ରାଜ୍ୟରେ ଏଭଳି ଘଟଣା ଆଗାମୀ ଦିନରେ ଏକ ଘୃଣ୍ୟ ପରିବେଶ ସୃଷ୍ଟି କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଦୀର୍ଘଦିନ ଧରି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଶାସନରେ ଏବଂ ମୁଖ୍ୟଙ୍କୁ ସବୁ କ୍ଷେତ୍ରରେ ସହଯୋଗ କରିବା ପାଇଁ ସୁନିୟନ୍ତ୍ରିତ ବ୍ୟବସ୍ଥା ଚାଲିଛି। ନିଜେ ଗୃହ ବିଭାଗର ମୁଖ୍ୟ ଏବଂ ଏସବୁ ଭିତରେ ଦିନ ଦ୍ୱିପହରରେ ତାଙ୍କରି ମନ୍ତ୍ରୀଙ୍କୁ ଜଣେ ପୋଲିସ ଗୁଳି କରି ହତ୍ୟା କରୁଛି ତାର କୌଣସି ପୂର୍ବ ସୂଚନା ମିଳିଲା ନାହିଁ କିପରି ? ତେବେ ସେ ଗୁଇନ୍ଦା ବିଭାଗର କାର୍ଯ୍ୟ କ'ଣ ଏବଂ ତା'ର ମୁଖ୍ୟ ଏଥିପାଇଁ ନୈତିକ ଦାୟିତ୍ୱବୋଧତାକୁ ସମ୍ମାନ ଦେବା କଥା କି ନୁହେଁ? ଏସବୁ ଅଡୁଆ ସୂତା ପରି ଅବୁଝା ହେଉଛି। ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ରାଜନୈତିକ ହିଂସାର ରୂପ ଆହୁରି ଉଗ୍ର ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ଯଦି ରାଜ୍ୟର ଜଣେ କ୍ୟାବିନେଟ୍ ପାହ୍ୟାର କ୍ଷମତାଶୀଳ ମନ୍ତ୍ରୀଙ୍କୁ ସ୍ପଷ୍ଟ ଦିବାଲୋକରେ ଏବଂ ସୁରକ୍ଷାବଳୟ ମଧ୍ୟରେ ମାରିଦିଆଯାଇପାରୁଛି ତେବେ ନିର୍ବାଚନ ବେଳେ ସାଧାରଣ ପ୍ରାର୍ଥୀଙ୍କର ଅବସ୍ଥା କ'ଣ ହେବ ସେ କଥା ସ୍ପଷ୍ଟ ଅନୁମେୟ। ଏହାର ଠିକ୍ ପରେ ପରେ ଅନେକ ଲୋକ ପୋଲିସର ନିଷ୍କ୍ରିୟତା ବା ଦାୟିତ୍ୱହୀନତା ବା ପ୍ରତିଶୋଧ ପରାୟଣତା ଉପରେ ମଧ୍ୟ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି। ଜଣେ ପୋଲିସ ଅଧିକାରୀ ହେଉଛନ୍ତି ହତ୍ୟାକାରୀ ଏବଂ ତଦନ୍ତ କରିବେ ପୁଣି ଜଣେ ଉଚ୍ଚ ପୋଲିସ ଅଧିକାରୀ... ଏକଥା ମଧ୍ୟ ବୋଧଗମ୍ୟ ହେଉନାହିଁ।

ଏଥିପାଇଁ ଅନ୍ୟ କୌଣସି ସ୍ୱାଧୀନ ସଂସ୍ଥାକୁ ଦେଇ ପ୍ରକୃତ ସତ୍ୟକୁ ଲୋକଲୋଚନକୁ ଆଣିବାର ଆବଶ୍ୟକତା ଅଛି। ବିଗତ ଦିନରେ ଅନେକ ଘଟଣାରେ ପୋଲିସ ନିରପେକ୍ଷତା ନେଇ ମଧ୍ୟ ଅନେକ ଚର୍ଚ୍ଚା ହୋଇଥିଲା, ଯାହା ପାଇଁ ଏପରି ପ୍ରଶ୍ନ ଯେଉଁଥିପାଇଁ ଆଜି ଆଲୋଚନାର ମୁଖ୍ୟ ହୋଇଛି। ନିତି ଏବଂ ନୈତିକତାର କଥା କହୁଥିବା ରାଜନୈତିକ ଦଳ ନିଜର କଥାକୁ ତିଳେ ପରଖିନେବା ଉଚିତ। ବିଭିନ୍ନ ଦଳରେ ରହି ରାଜନୈତିକ ଅଭିଳାଷ ରଖିଥିବା ବ୍ୟକ୍ତି ବିଶେଷମାନେ ଏହା ଉପରେ ଏକ ସୁଚିନ୍ତିତ ପଦକ୍ଷେପ ଗ୍ରହଣ ଉପରେ ଜୋର ଦେବାର ଆବଶ୍ୟକତା ଅଛି। କ୍ଷମତାରେ ଥିବା ବ୍ୟକ୍ତିମାନଙ୍କ ପାଇଁ ତ ଏହା ସତର୍କ ଘଣ୍ଟି ସଦୃଶ। କେବଳ ତୋଷମଦୀ କଲେ ଯେ କିଏ ଶିକାର ହେବନି ଏ କଥା ଭାବିବା ନିଶ୍ଚିତ ରୂପେ ଭୁଲ। ହିଂସା ରୂପକ ବାଘଟା ଜଣକୁ ଶିକାର କଲା ବେଳେ ଅନ୍ୟମାନେ ଯଦି ସ୍ୱାର୍ଥାନ୍ୱେଷୀ ହୋଇ ଏକାଠି ଏହାର ପ୍ରତିରୋଧ ନ କରନ୍ତି ତେବେ ସେଇ ବାଘର ପରବର୍ତ୍ତୀ ଶିକାର କେହିବି ହୋଇପାରେ। ଏ ଘଟଣାରେ ପ୍ରକୃତ ସତ୍ୟର ଅନୁସନ୍ଧାନ କରାଯାଉ ଏବଂ ଏହାର କାରଣକୁ ଖୋଜି ବାହାର କରି ତାର ନିରାକରଣ କରାଯାଉ ନ ହେଲେ ଏହା ଆଗକୁ ମହାମାରୀର ରୂପ ନେଇପାରେ। ଏଠାରେ ଅନେକ ବିଷୟ ଉପରେ ମଧ୍ୟ ବିଚାର କରି ପଦକ୍ଷେପ ଗ୍ରହଣ କରିବା ଉଚିତ। ଯେପରି ଖୋଦ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଜିଲ୍ଲା ବା ପାଖ ଜିଲ୍ଲାରେ ଭଲ ଡାକ୍ତରଖାନାର ଅଭାବ ଏବଂ ସର୍ବୋପରି ପୁରା ସରକାର ଘରୋଇ ଡାକ୍ତରଖାନା ପାଖରେ ନିଜକୁ ସମର୍ପଣ କରିଦେବା କେତେ ଦୂର ଯୁକ୍ତିଯୁକ୍ତ ? ତେବେ ଦୀର୍ଘଦିନ ଧରି ଆମେ କ'ଣ ପ୍ରଗତି କଲେ? ଏହା ଯଦି ବ୍ୟବସାୟିକ କନ୍ଦଳ, ତେବେ ଗୁଇନ୍ଦା ବିଭାଗ କ'ଣ କରୁଥିଲା ପୂର୍ବରୁ ଏବଂ ବିଶେଷ କରି କ୍ଷମତାଶାଳୀ ବ୍ୟକ୍ତି ନିଜର କ୍ଷମତାର ଦୂରୁପଯୋଗ ନ କରିବା ନିହାତି ଆବଶ୍ୟକ। ସବୁ ସମୟରେ ଶାଳୀନତାର ପରିଧି ଭିତରେ ରହି କାର୍ଯ୍ୟ କରିବା ଉଚିତ। ବେଳ ଥାଉ ଥାଉ ବନ୍ଧକୁ ବାନ୍ଧିବା ନ୍ୟାୟରେ ସମସ୍ତ ସଚେତନ ନାଗରିକ ସରକାରଙ୍କ ପାଖରେ ଏହାର ଏକ ନିରପେକ୍ଷ ତଦନ୍ତ କରି ପ୍ରକୃତ ଦୋଷୀ ଏବଂ ଏହାର କାରଣକୁ ଖୋଜିବାର ନିତ୍ୟାନ୍ତ ଆବଶ୍ୟକତା ରହିଛି।

ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ। ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ।

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

# କୃଷି ଉତ୍ପାଦନ ବଢୁଛି ଯଦି ଚାଷୀ ଆୟ କମୁଛି କିଆଁ ?

**ନଟବର ଖୁଣ୍ଟିଆ**

ନିକଟରେ ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇଛି ଯେ ଏଗ୍ରିକଲଚର ଟୁଡେ ଗ୍ରୁପ ପକ୍ଷରୁ ୨୦୨୨ ବର୍ଷ ପାଇଁ ଓଡ଼ିଶାକୁ ଲିଡରସିପ୍ ଆୱାର୍ଡ ଦିଆ ଯାଇଛି। କୁହା ଯାଇଛି ଯେ, ସ୍ୱାଧୀନୋତ୍ତର ଭାରତବର୍ଷରେ ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଏକ ନିଅଣ୍ଟିଆ ରାଜ୍ୟରୁ ଆଜି ଆତ୍ମନିର୍ଭରଶୀଳ ରାଜ୍ୟ କେବଳ ହୋଇନାହିଁ, ଖାଦ୍ୟଶସ୍ୟ ମଧ୍ୟ ରପ୍ତାନି କରୁଛି। ଗତ ୨୦ ବର୍ଷ ମଧ୍ୟରେ ଉତ୍ପାଦନ ଦୁଇ ଗୁଣରୁ ଅଧିକ ହୋଇଛି। ୨୦୨୦-୨୧ ବର୍ଷରେ ରାଜ୍ୟରେ ରେକର୍ଡ ୧୩୦.୩୯ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହୋଇପାରିଛି। ୨୦୦୦-୦୧ ବର୍ଷରେ ୫୫.୩୫ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିବା ବେଳେ ବିଗତ ୨୦ ବର୍ଷ ମଧ୍ୟରେ ଉତ୍ପାଦନ ଦୁଇ ଗୁଣରୁ ଅଧିକ ହୋଇଛି।

ଏହି ଆୱାର୍ଡକୁ ନୂଆଦିଲ୍ଲୀରେ ଗତ ୧୫/୧୨/୨୦୨୨ ତାରିଖରେ ଓଡ଼ିଶା ସରକାରଙ୍କ ତରଫରୁ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଗ୍ରହଣ କରିଛନ୍ତି। ଏହାର ଅର୍ଥ ଏଗ୍ରିକଲଚର ଟୁଡେ ଗ୍ରୁପ ଯେଉଁ ପରିସଂଖ୍ୟାନ ଆଧାରରେ ଏହି ପୁରସ୍କାର ଦେଇଛି, ସେହି ପରିସଂଖ୍ୟାନକୁ ରାଜ୍ୟ ସରକାର ଦେଇଥିବେ ଅବା ପୁରସ୍କାରଦାତା ସରକାରୀ ସୂତ୍ରରୁ ସଂଗ୍ରହ କରିଥିବେ। ଯେହେତୁ ସରକାରଙ୍କ ଅତିରିକ୍ତ ଶାସନ ସଚିବ ଉତ୍ସବରେ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଛନ୍ତି, ତେଣୁ ଯେଉଁ ପରିସଂଖ୍ୟାନ ଆଧାରରେ ଓଡ଼ିଶା କୃଷି ଉତ୍ପାଦନ ବୃଦ୍ଧିରେ ଦେଶର ସର୍ବଶ୍ରେଷ୍ଠ ରାଜ୍ୟ ରୂପେ ମାନ୍ୟତା ପାଇଛି ସେହି ପରିସଂଖ୍ୟାନ ସତ ବୋଲି ରାଜ୍ୟ ସରକାର ପୁଷ୍ଟ କରିଛନ୍ତି। କିନ୍ତୁ ବିଭିନ୍ନ ସମୟରେ ସରକାରଙ୍କ ତରଫରୁ ଯେଉଁସବୁ କୃଷି ବିକାଶ ସମ୍ବନ୍ଧୀୟ ରିପୋର୍ଟ ପ୍ରକାଶ ପାଏ ସେସବୁକୁ ଅଧ୍ୟୟନ କଲେ ଜଣାଯିବ ଯେ, ଏଗ୍ରିକଲଚର୍ ଟୁଡେ ଗ୍ରୁପ ଯେଉଁ ପରିସଂଖ୍ୟାନକୁ ଆଧାର କରି ପୁରସ୍କାର ପ୍ରଦାନ କରିଛି ତାହା ଭ୍ରମାତ୍ମକ। କୁହା ଯାଇଛି ଖାଦ୍ୟଶସ୍ୟରେ ଏକ ନିଅଣ୍ଟିଆ ରାଜ୍ୟରୁ ଏକ ବଳକା ରାଜ୍ୟରେ ପରିଣତ ହୋଇଛି ଓଡ଼ିଶା। ତାହା ସମ୍ପୂର୍ଣ୍ଣ ବିଭ୍ରାନ୍ତିକର। କେବଳ ବଡ଼ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ବର୍ଷକୁ ଛାଡ଼ି ଦେଲେ ଓଡ଼ିଶାରେ ଖାଦ୍ୟଶସ୍ୟ କେବେ ନିଅଣ୍ଟ ପଡ଼େନା, ଏହା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟ କହେ, ଆମେ ମନରୁ ବାନ୍ଧି କହୁନାହୁଁ। ଏହା କହିବା ଦ୍ୱାରା ଓଡ଼ିଶାକୁ ପରୋକ୍ଷରେ ଅପମାନିତ କରାଯାଇଛି ଏଗ୍ରିକଲଚର ଟୁଡେ ଗ୍ରୁପ ଦ୍ୱାରା।

ସରକାରଙ୍କ ଦ୍ୱାରା ପ୍ରକାଶିତ ବିଭିନ୍ନ ରିପୋର୍ଟ ମଧ୍ୟରୁ ରାଜ୍ୟ କୃଷି ନିର୍ଦ୍ଦେଶାଳୟ ଦ୍ୱାରା ପ୍ରକାଶିତ ରିପୋର୍ଟ - ୫ Decades of Odisha Agriculture Statistics: ୨୦୨୦କୁ ଅନୁଧ୍ୟାନ କଲେ ଜଣାଯିବ ଯେ, ଏଗ୍ରିକଲଚର୍ ଟୁଡେ ଗ୍ରୁପ ଯେଉଁ ପରିସଂଖ୍ୟାନ ଦେଇ ପୁରସ୍କାର ଘୋଷଣା କରିଛି ତାହା ସମଗ୍ର ଓଡ଼ିଶାବାସୀଙ୍କୁ ଭ୍ରମରେ ପକାଇ ଭୂଆଁ ବୁଲାଇବା ପରି ହୋଇଛି। କୁହା ଯାଇଛି ୨୦୦୦-୦୧ରେ ୫୫.୩୫ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଥିବା ବେଳେ ୨୦୨୦-୨୧ ବର୍ଷରେ ୧୩୦.୩୯ ଲକ୍ଷ ମେଟ୍ରିକ୍ ଟନ୍ ଅମଳ କରି ଦୁଇଗୁଣ କରାଯାଇଛି। କିନ୍ତୁ ବର୍ତ୍ତମାନର ସରକାର କ୍ଷମତାକୁ ଆସିଲା ପରେ ୨୦୦୨-୦୩ ରେ ଉତ୍ପାଦନ ହୋଇଥିଲା ୪୪.୪୫ ମେଟ୍ରିକ୍ ଟନ୍। ଏହାର କାରଣ ସେହି ଦୁଇ ବର୍ଷରେ ଉଭୟ ପ୍ରବଳ ବନ୍ୟା ଓ ମରୁଡ଼ି ହୋଇ ଫସଲ ନଷ୍ଟ କରିଥିଲା। ପ୍ରାକୃତିକ ବିପର୍ଯ୍ୟୟ ବର୍ଷର ଉତ୍ପାଦନ ସହ ଅନୁକୂଳ ପାଣିପାଗ ବର୍ଷର ଉତ୍ପାଦନ



ସହ ତୁଳନା କରି ପୁରସ୍କାର ଘୋଷଣା କରିବା କେଉଁ ନ୍ୟାୟ ? ପୁରସ୍କାର ଘୋଷଣା କରିବା ସଂସ୍ଥା ନିଜର ବିଶ୍ୱନୀୟତା ବଢ଼ାଇବା ପାଇଁ ସରକାରଙ୍କ ପ୍ରକାଶିତ ପରିସଂଖ୍ୟାନକୁ ଅନୁଧ୍ୟାନ କରିବା ଉଚିତ ଥିଲା। ସରକାରଙ୍କ ପ୍ରକାଶିତ ଉପରୋକ୍ତ ରିପୋର୍ଟର ୫୯ ପୃଷ୍ଠାକୁ ଯାଇ ଦେଖନ୍ତୁ, ୧୯୯୦ -୯୧ରୁ ୧୯୯୯-୦୦ ଦଶ ବର୍ଷର ଖାଦ୍ୟଶସ୍ୟ ଉତ୍ପାଦନକୁ ହିସାବକୁ ନେଲେ ସେ ଦଶନ୍ଧିରେ ବାର୍ଷିକ ହାରାହାରି ଖାଦ୍ୟଶସ୍ୟ ଉତ୍ପାଦନ ଥିଲା ୭୧.୬୨ ଲକ୍ଷ ଟନ୍। ପରବର୍ତ୍ତୀ ଦଶନ୍ଧି ୨୦୦୦-୨୦୦୧ରୁ ୨୦୦୯ -୧୦ ମଧ୍ୟରେ ବାର୍ଷିକ ହାରାହାରି ଖାଦ୍ୟଶସ୍ୟ ଉତ୍ପାଦନ ଥିଲା ୭୬.୨୯ ଲକ୍ଷ ଟନ୍। କିନ୍ତୁ ୧୯୯୧ ଜନଗଣନା ଅନୁସାରେ ଓଡ଼ିଶାର ଲୋକସଂଖ୍ୟା ଥିଲା ୩.୧୬ କୋଟି, ୨୦୦୧ରେ ବୃଦ୍ଧି ପାଇ ହେଲା ୩.୬୮ କୋଟି ଏବଂ ତା' ପରବର୍ତ୍ତୀ ଦଶନ୍ଧି ୨୦୧୦-୧୧ରୁ ୨୦୧୯-୨୦ ବାର୍ଷିକ ହାରାହାରି ଉତ୍ପାଦନ ଥିଲା ୯୮.୨୭ ଲକ୍ଷ ଟନ ଆଉ ଲୋକସଂଖ୍ୟା ବୃଦ୍ଧି ପାଇ ୨୦୧୧ରେ ହେଲା ୪.୧୯ କୋଟି।

୧୯୯୦ ଦଶକରେ ହାରାହାରି ମୁଣ୍ଡ ପିଛା ଦୈନିକ ଖାଦ୍ୟଶସ୍ୟ ୬୩୦ ଗ୍ରାମ ମିଳୁଥିବାବେଳେ ୨୦୦୦ ଦଶକରେ ଉପଲବ୍ଧ ଥିଲା ୫୮୦ ଗ୍ରାମ ଏବଂ ୨୦୧୦ ଦଶକରେ ହେଲା ୬୫୦ ଗ୍ରାମ। ସରକାରୀ ହିସାବ ଅନୁଯାୟୀ ଜଣେ ଲୋକର ଦୈନିକ ଖାଦ୍ୟଶସ୍ୟ ଆବଶ୍ୟକତା ହେଉଛି ୫୫୦ ଗ୍ରାମ। ସରକାରୀ ରିପୋର୍ଟରେ ୧୦୪ ପୃଷ୍ଠାରେ ୧୯୭୦-୭୧ଠାରୁ ୨୦୧୯-୨୦ ପର୍ଯ୍ୟନ୍ତ ବର୍ଷ ୱାରି କେଉଁ ବର୍ଷ କେତେ ଦୈନିକ ମୁଣ୍ଡ ପିଛା ଖାଦ୍ୟଶସ୍ୟ ଉପଲବ୍ଧ ଥିଲା ଦର୍ଶାଯାଇଛି। ସେଥିରୁ ଦେଖିବେ ୧୯୭୦-୭୧ରେ ୫୭୧ ଗ୍ରାମ,୧୯୮୦-୮୧ରେ ୫୫୧ ଗ୍ରାମ,୧୯୯୦ -୯୧ରେ ୫୩୯ ଗ୍ରାମ,୨୦୦୦-୦୧ରେ ୩୫୭ ଗ୍ରାମ,୨୦୧୦-୧୧ରେ ୫୦୮ ଗ୍ରାମ ଏବଂ ୨୦୧୯-୨୦ରେ ୬୦୩ ଗ୍ରାମ ଉପଲବ୍ଧ ଥିଲା। ଯେଉଁ ବର୍ଷ ପ୍ରାକୃତିକ ବିପଦ ପଡ଼େ ସେହି ବର୍ଷ ଖାଦ୍ୟଶସ୍ୟ ଟିକେ ନିଅଣ୍ଟ ପଡ଼େ ସିନା ଅନ୍ୟ ବର୍ଷରେ ନିଅଣ୍ଟ ପଡ଼େ ନାହିଁ। ଏହି ପରିସଂଖ୍ୟାନରୁ ସହଜରେ ଅନୁମାନ କରନ୍ତୁ କିପରି ଆମର ଖାଦ୍ୟଶସ୍ୟ ଉତ୍ପାଦନ ଡବଲ ହୋଇଛି, ଆଉ ପୂର୍ବେ ଖାଦ୍ୟଶସ୍ୟ ନିଅଣ୍ଟ ପଡୁଥିଲା, ଏବେ ବଳକା ହୋଇଛି ! ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପରିସଂଖ୍ୟାନ ରିପୋର୍ଟ କହୁଛି କ'ଣ, ଆଉ ପୁରସ୍କାର ବିତରଣ ସଂସ୍ଥା କହୁଛି କ'ଣ ? ସତ୍ୟର କି ଅପଳାପ ! ଏହା ଓଡ଼ିଶାର ସ୍ୱାଭିମାନ ପ୍ରତି ଆଘାତ।

ଏବେ ସେହି ସରକାରୀ ରିପୋର୍ଟର ୭୬ ପୃଷ୍ଠାକୁ ଆସି ଦେଖନ୍ତୁ, ୨୦୧୭-୧୮ରେ ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଆନ୍ଧ୍ର ପ୍ରଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ହେକ୍ଟର ପିଛା ଯଥାକ୍ରମେ ୨,୮୩୮ କିଲୋଗ୍ରାମ ଓ ୨,୯୩୪ କିଲୋଗ୍ରାମ ଥିବା ବେଳେ ଓଡ଼ିଶାରେ ୧୩୬୫ କିଲୋଗ୍ରାମ ଥିଲା। ସେହିପରି ୨୦୧୮-୧୯ରେ ସେହି ଦୁଇଟି ରାଜ୍ୟରେ ଯଥାକ୍ରମେ ୨,୮୫୬ ଓ ୨,୭୨୯ କିଲୋଗ୍ରାମ ହେବାବେଳେ ଓଡ଼ିଶାରେ ୧,୫୫୪ କିଲୋଗ୍ରାମ। ସେହିପରି ଚାଉଳ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ତଦ୍ରୁପ ସ୍ଥିତି। ଏଥିରେ ଖାଦ୍ୟଶସ୍ୟ ଉତ୍ପାଦନରେ ଓଡ଼ିଶା ପ୍ରଥମ କିପରି ହେଲା ?

ଏବେ ଡାଲି କଥା ବିଚାର କଲେ ଜଣାଯିବ ଯେ, ଡାଲିରେ ଆମେ ଏକ ଆମଦାନୀକାରୀ ରାଜ୍ୟ। ୧୯୯୦-୯୧ରେ ଆମର ଡାଲି ଉତ୍ପାଦନ ଥିଲା ୧୧.୭୫ ଲକ୍ଷ ଟନ୍, ୧୯୯୯-୨୦୦୦ରେ ହୋଇଛି ୬.୫୪ ଲକ୍ଷ ଟନ୍,୨୦୦୯-୧୦ରେ ୯.୬୩ ଲକ୍ଷ ଟନ୍ ଏବଂ ୨୦୧୯-୨୦ରେ ୧୦.୪୫ ଲକ୍ଷ ଟନ୍(ପୃଷ୍ଠା ୫୭)। ୧୯୯୦-୯୧ରେ ଆମେ ଯେତେ ଅମଳ କରିଥିଲୁ ୩୦ ବର୍ଷ ପରେ ବି ସେତିକି ଡାଲି ଅମଳ କରି ପାରିଲୁ ନାହିଁ। ତୈଳବୀଜ କଥା ନକହିଲେ ଭଲ। ୧୯୯୦-୯୧ରେ ଉତ୍ପାଦନ ଥିଲା ୯.୪୯ ଲକ୍ଷ ଟନ୍, ୨୦୦୦-୦୧ରେ ୩.୭୪ ଲକ୍ଷ ଟନ୍ ଏବଂ ୨୦୦୯-୧୦ରେ ୬.୬୪ ଲକ୍ଷ ଟନ୍। ୨୦୧୯-୨୦ରେ ଆହୁରି ହ୍ରାସ ପାଇ ହୋଇଛି ୫.୬୯ ଲକ୍ଷ ଟନ୍ (ପୃଷ୍ଠା ୬୬)। ସରକାରୀ ହିସାବ ଅନୁଯାୟୀ ୨୦୧୮-୧୯ରେ ଓଡ଼ିଶାରେ ତୈଳବୀଜ ନିଅଣ୍ଟ ଥିଲା ୧୮ ଲକ୍ଷ ଟନ୍।

ଏବେ ଆସନ୍ତୁ ଆଳୁ କଥା ବିଚାରକୁ ନେବା। ଆଳୁ ଆମର ଏକ ନିତିଦିନିଆ ଅତ୍ୟାବଶ୍ୟକ ପରିବା। ଆଳୁ ବିନା ଆମ ରୋଷେଇ ଘରର ରାନ୍ଧଣା ଅଧୁରା। ଆମର ବାର୍ଷିକ ଆଳୁର ଆବଶ୍ୟକତା ୧୩ ଲକ୍ଷ ଟନ୍। ଆମ ରାଜ୍ୟକୁ ଆଳୁରେ ଆତ୍ମ ନିର୍ଭରଶୀଳ କରିବା ପାଇଁ ୨୦୧୫-୧୬ରେ କାର୍ଯ୍ୟକାରୀ ହେଲା ଆଳୁ ମିଶନ। ୫୦ କୋଟି ଟଙ୍କାର ବ୍ୟୟ ବାରାଦ ହେଲା। ଆଳୁର ଉତ୍ପାଦନର ଲକ୍ଷ୍ୟ ଧାର୍ଯ୍ୟ ହେଲା ୧୧.୨୫ ଲକ୍ଷ ଟନ୍ ଏବଂ ଶୀତଳ ଭଣ୍ଡାର ସ୍ଥାପନର ଲକ୍ଷ୍ୟ ହେଲା ୨୧୨ଟା। ଏହାର ଅବଧି ତିନି ବର୍ଷ ଥିଲା। କିନ୍ତୁ ଏହି ମିଶନ ସମ୍ପୂର୍ଣ୍ଣ ଭାବରେ ବିଫଳ ହେଲା। ଉତ୍ପାଦନ ବଢ଼ିବ କ'ଣ କମିବାରେ ଲାଗିଲା। ୨୦୧୫-୧୬ରେ ଆଳୁ ଉତ୍ପାଦନ ଥିଲା ୩.୮୯ ଲକ୍ଷ ଟନ୍ ଆଉ ୨୦୧୯-୨୦ରେ ହ୍ରାସ ପାଇ ଆସି ପହଞ୍ଚିଛି ୨.୬୧ ଲକ୍ଷ ଟନରେ। ଶୀତଳ ଭଣ୍ଡାର ୨୧୨ଟା ହେବ କ'ଣ ୧୨ଟା ବି ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ।

ଗୋଟିଏ ରାଜ୍ୟରେ କୃଷି ବିକାଶ ତ୍ୱରାନ୍ୱିତ ହୋଇଥାଏ ଯେତେବେଳେ କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ପରେ ପ୍ୟାକେଜିଂ ହୋଇ ସଂରକ୍ଷଣ କରି ଧୀରେ ଧୀରେ ବଜାରକୁ ଛଡ଼ାଯାଏ। ଏଥିପାଇଁ ଆବଶ୍ୟକ ହୁଏ ଶୀତଳଭଣ୍ଡାର। ଯେଉଁ ରାଜ୍ୟରେ ଯେତେ ଅଧିକ ଶୀତଳ ଭଣ୍ଡାର ସେ ରାଜ୍ୟରେ କୃଷି ସେତେ ଉନ୍ନତ ବୋଲି ଧରିବାକୁ ହୁଏ। ଓଡ଼ିଶା ସରକାର ଅନ୍ତତଃ ପ୍ରତି ବ୍ଲକରେ ଗୋଟିଏ ଲେଖା ଶୀତଳ ଭଣ୍ଡାର ସ୍ଥାପନ ପାଇଁ ବହୁଦିନ ତଳୁ ନୀତି ଘୋଷଣା କରିଥିଲେ ବି ଶୀତଳ ଭଣ୍ଡାରର ସ୍ଥିତି ଜାଣିଲେ ତାଜୁବ ହେବାକୁ ପଡ଼େ। ରାଜ୍ୟ ବିଧାନସଭାରେ ତତ୍କାଳୀନ କୃଷି ମନ୍ତ୍ରୀ ଡିସେମ୍ବର ୨୦୨୧ରେ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଛନ୍ତି ଓଡ଼ିଶାରେ ଥିବା ମୋଟ ୧୩୧ ଶୀତଳ ଭଣ୍ଡାର ମଧ୍ୟରୁ ମାତ୍ର ୪୯ଟି କାର୍ଯ୍ୟକ୍ଷମ ଅଛି। ଏଥିରୁ ଜାଣି ହେବ ଆମେ କୃଷି କ୍ଷେତ୍ରରେ କେତେ ବିକଶିତ !

କୃଷିର ବିକାଶ ହୋଇଥିଲେ ଚାଷୀର ଆୟ ବୃଦ୍ଧି ନପାଇ ହ୍ରାସ ପାଇଥାନ୍ତା କିପରି ? ୨୦୧୫-୧୬ରେ ଗୋଟିଏ ଚାଷୀ ପରିବାରର ମାସିକ ଆୟ ୭,୭୩୧ ଟଙ୍କା ଥିବାବେଳେ ୨୦୧୮-୧୯ର ହ୍ରାସ ପାଇ ୫,୧୧୨ ଟଙ୍କା ହେଲା କିପରି ?

ଆମର କୃଷିର ପ୍ରକୃତ ସ୍ଥିତିଠାରୁ ବଢ଼େଇ ଚଢ଼େଇ କରି କହିବା ଦ୍ୱାରା କୃଷକମାନଙ୍କର ମଙ୍ଗଳ ହେଉନାହିଁ, ବରଂ କ୍ଷତି ହିଁ ହେଉଛି। ଏହା ଦ୍ୱାରା କୃଷିର ସ୍ଥିତିରେ ସୁଧାର ଆଣି କୃଷକର ଆୟ ବୃଦ୍ଧି କରିବା ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି। ଯେଉଁ ବାହାରର ସଂସ୍ଥା ଓଡ଼ିଶା ସରକାରଙ୍କଠାରୁ କିଛି ପାଇବା ଆଶାରେ କୃଷି ବିକାଶକୁ ବଢ଼େଇ କରି କହୁଛନ୍ତି, ସେମାନେ ସମଗ୍ର କୃଷକ ସମାଜ ପ୍ରତି ଅନ୍ୟାୟ କରୁଛନ୍ତି। ସରକାର ମଧ୍ୟ ଆତ୍ମ ପ୍ରଚାରରୁ ବିରତ ରହି ରାଜ୍ୟର କୃଷି ଓ କୃଷକର ସ୍ଥିତି କିପରି ସୁଧୁରିବ, ସେଥିପାଇଁ କାର୍ଯ୍ୟକାରୀ ହୋଇପାରିବା ଭଳି ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରନ୍ତୁ।

ମୋ: ୯୯୩୭୯୫୧୨୬୨

ଭାଗ-୧ । ସଂଖ୍ୟା-୧୮ । ଭୁବନେଶ୍ୱର । ୧୮ ରୁ ୨୪ ମାର୍ଚ୍ଚ ୨୦୨୪
Vol-1 | Issue-18 | Bhubaneswar | 18 to 24 March 2024

# ୫୪୩ ନୁହେଁ, ୫୪୪ ଲୋକସଭା ସିଟ୍‌ରେ ପଡ଼ିବ ଭୋଟ !



ନୂଆଦିଲ୍ଲୀ: ଲୋକସଭାର ୫୪୩ ଆସନ ପାଇଁ ଭୋଟିଂ ପ୍ରକ୍ରିୟା ଏପ୍ରିଲ ୧୯ରୁ ଆରମ୍ଭ ହୋଇ ଜୁନ ୧ ଯାଏ ଚାଲିବ। ୭ଟି ପର୍ଯ୍ୟାୟରେ ଦେଶବାସୀ ମତଦାନ କରି ପରବର୍ତ୍ତୀ ସରକାର ବାଛିବେ। ଜୁନ ୪ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ନିର୍ବାଚନ କମିଶନ ନିର୍ବାଚନ ତାରିଖ ଘୋଷଣା କରିବା ବେଳେ ୫୪୩ ବଦଳରେ ୫୪୪ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ହେବ ବୋଲି କହିଛନ୍ତି। ଏହାର ଅର୍ଥ ନୁହେଁ ଯେ ଅତିରିକ୍ତ ଭାବେ ଗୋଟିଏ ନିର୍ବାଚନ ମଣ୍ଡଳୀ ପାଇଁ ଲୋକସଭା ନିର୍ବାଚନ ହେବ। ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଏହି ୫୪୪ ଓ ୫୪୩ ଦ୍ୱନ୍ଦ୍ୱକୁ ଦୂର କରିଛନ୍ତି। ସେ କହିଛନ୍ତି ଯେ ମଣିପୁରରେ ୨ଟି ଲୋକସଭା ଆସନ ରହିଛି। ଏହା ମଧ୍ୟରୁ ଗୋଟିଏ ଆସନରେ ଦୁଇଟି ପର୍ଯ୍ୟାୟରେ ଭୋଟ ହେବ। ତେଣୁ ମୋଟ ଉପରେ ଲୋକସଭା ଆସନ ସଂଖ୍ୟାକୁ ୫୪୪ ଭାବେ ବିବେଚନା କରାଯାଇଛି। ମଣିପୁରର ୨ଟି ଆସନ ପାଇଁ ଏପ୍ରିଲ ୧୯ରେ ପ୍ରଥମେ ମତଦାନ ହେବ। ଏହାପରେ ଗୋଟିଏ ଆସନ କିଛି ସ୍ଥାନରେ ଏପ୍ରିଲ ୨୬ରେ ଲୋକମାନେ ମତଦାନ କରିବେ। ଇନର ମଣିପୁର ଓ ଆଉଟର ମଣିପୁରର କିଛି ଅଂଶରେ ପ୍ରଥମ ପର୍ଯ୍ୟାୟ ଅର୍ଥାତ ଏପ୍ରିଲ ୧୯ରେ ଭୋଟ ହେବ। ଏହାପରେ ୨ୟ ପର୍ଯ୍ୟାୟ ଅର୍ଥାତ ଏପ୍ରିଲ ୨୬ରେ ଆଉଟର ମଣିପୁରର ଆଉ କିଛି ଅଂଶରେ ମତଦାନ ଗ୍ରହଣ କରାଯିବ। ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷ ଯୋଗୁ ଆଉଟର ମଣିପୁରର ଲୋକମାନେ ବିସ୍ଥାପିତ ହୋଇ ରହିଛନ୍ତି। ତେଣୁ ଗୋଟିଏ ଆସନରେ ଦୁଇଟି ପର୍ଯ୍ୟାୟରେ ଭୋଟ ହେବ। ଇନର ମଣିପୁରରେ ବିଜେପି ସାଂସଦ ରହିଥିବା ବେଳେ ଆଉଟର ମଣିପୁରରୁ ନାଗା ପିପୁଲ୍ସ ଫ୍ରଣ୍ଟ ୨୦୧୯ରେ ଜିତିଥିଲା। ଆଉଟର ମଣିପୁର ଆସନ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ହୋଇ ରହିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ହିଂସା ଯୋଗୁ କ୍ୟାମ୍ପରେ ରହୁଥିବା ଲୋକମାନେ ମଧ୍ୟ ଭୋଟ ଦେବାର ଅଧିକାର ପାଇବେ। ସେମାନଙ୍କ ପାଇଁ କ୍ୟାମ୍ପ ନିକଟରେ ମତଦାନର ସୁବିଧା କରାଯିବ।

ରାଜୀବ କୁମାର କହିଛନ୍ତି, "ଆମେ ଭୋଟ ଦାନ ପାଇଁ ସବୁ ପ୍ରକାରର ବ୍ୟବସ୍ଥା କରିବୁ। ଆମେ ଗୋଟିଏ ଯୋଜନା ଲାଗୁ କରିବୁ। ଏହାଦ୍ୱାରା କ୍ୟାମ୍ପରେ ରହୁଥିବା ଲୋକମାନେ କ୍ୟାମ୍ପରୁ ହିଁ ଭୋଟ ଦେବେ। ଜମ୍ମୁ-କଶ୍ମୀରର ଶରଣାର୍ଥୀଙ୍କ ପାଇଁ ଯେଉଁଭଳି ଯୋଜନା ହୋଇଛି, ଠିକ ଅନୁରୂପ ଯୋଜନା ମଣିପୁରରେ ଲାଗୁ କରାଯିବ।"
ସରକାରୀ ତଥ୍ୟ ଅନୁଯାୟୀ, ହିଂସା ଯୋଗୁ ପ୍ରାୟ ୫୦ ହଜାର ଲୋକ ନିଜ ନିଜର ଘର ଛାଡ଼ି କ୍ୟାମ୍ପରେ ରହୁଛନ୍ତି।

## ନମାଜ ପାଠ ବେଳେ ହଷ୍ଟେଲ ଉପରେ ଆକ୍ରମଣ, ୫ ଛାତ୍ର ଗୁରୁତର

**ନୂଆଦିଲ୍ଲୀ:** ହଷ୍ଟେଲ ପରିସରରେ ନମାଜ ପାଠ ବେଳେ ଆକ୍ରମଣ। ଛାତ୍ରଙ୍କ ଉପରେ ଆକ୍ରମଣ କରିଛନ୍ତି କିଛି ଦୁର୍ବୃତ୍ତ। ବ୍ୟାପକ ଭଙ୍ଗାରୁଜା କରିବା ସହ ତାଙ୍କୁ ମାରପିଟ୍ ମଧ୍ୟ କରିଛନ୍ତି। ଏଥିରେ ବିଦେଶୀ ଛାତ୍ର ଗୁରୁତର ହୋଇଛନ୍ତି। ଗୁଜରାଟ ବିଶ୍ୱବିଦ୍ୟାଳୟର ହଷ୍ଟେଲ ଭିତରେ ଘଟିଛି ଏଭଳି କିଛି ଘଟଣା।

ହଷ୍ଟେଲ ପରିସରରେ କିଛି ଛାତ୍ର ନମାଜ ପାଠ କରୁଥିବା ବେଳେ ଦଳେ ଦୁର୍ବୃତ୍ତ କ୍ୟାମ୍ପସ ଭିତରକୁ ପଶି ଆସିଥିଲେ। ବ୍ୟାପକ ଭଙ୍ଗାରୁଜା କରିବା ସହ ସେମାନଙ୍କ ସହ ମାରପିଟ୍ ମଧ୍ୟ କରିଥିଲେ। ଏଥିରେ ୫ ଜଣ ବଦେଶୀ ଛାତ୍ର ଗୁରୁତର ହୋଇଛନ୍ତି। ଆହତ ଛାତ୍ରମାନେ ଉଜ୍ବେକିସ୍ତାନ, ଶ୍ରୀଲଙ୍କା, ଆଫଗାନିସ୍ତାନ ଓ ଆଫ୍ରିକା ଦେଶର ବୋଲି ଜଣାପଡିଛି।

ଜଣେ ଛାତ୍ରଙ୍କ କହିବା ମୁତାବକ, କ୍ୟାମ୍ପସରେ କୌଣସି ମସଜିଦ ନାହିଁ। ତେଣୁ ରମଜାନ ଥିବାରୁ ହଷ୍ଟେଲ ଭିତରେ ହିଁ ଛାତ୍ରମାନେ ଏକତ୍ରିତ ହୋଇ ନମାଜ ପାଠ କରିଥିଲେ। ଏତିକି ବେଳେ କିଛି ଦୁର୍ବୃତ୍ତ ଲାଠି ଓ ଖଣ୍ଡା ଧରି ତାଙ୍କ ଉପରକୁ ଆକ୍ରମଣ କରିଥିଲେ। ହଷ୍ଟେଲ ରୁମ୍ ଭିତରେ ପଶି ତାଙ୍କୁ ମାରପିଟ୍ କରିବା ସହ ବ୍ୟାପକ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏପରିକି ହଷ୍ଟେଲ ସିକ୍ୟୁରିଟି ଗାର୍ଡ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଏଥିରେ ବିଫଳ ହୋଇଛନ୍ତି।

ପୂରା ଘଟଣାର ଫଟୋ ସୋଶାଲ ମିଡିଆରେ ଭାଇରାଲ ହେଉଛି। ଫଟୋରେ ଭଙ୍ଗା ବାଇକ୍, ଲାପଟପ୍, ଓ ରୁମ୍ ଦେଖିବାକୁ ମିଳିଛି। କିଛି ଫଟୋ ଆଉ ଭିଡିଓରେ ଦୁର୍ବୃତ୍ତମାନେ ହଷ୍ଟେଲ ଉପରକୁ ପଥର ଫିଙ୍ଗିବା ଏବଂ ବିଦେଶୀ ଛାତ୍ରଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଭିଡିଓରେ ଜଣେ ବିଦେଶୀ ଛାତ୍ର ସେ ଭୟଭୀତ ଥିବା କହୁଛନ୍ତି। ଏଭଳି ଜିନିଷଗୁଡିକୁ ଗ୍ରହଣ କରାଯିବ ନାହିଁ ବୋଲି ସେ କହିଛନ୍ତି। ସେପଟେ ଏହି ଘଟଣାକୁ ନେଇ ରାଜ୍ୟ ଗୃହମନ୍ତ୍ରୀ ହର୍ଷ ସାଂଘଭି ଗୁଜରାଟର ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ କଥା ହୋଇଛନ୍ତି।

## ୟୁପି, ବେଙ୍ଗଲ ଓ ବିହାରରେ ୭ଟି ପର୍ଯ୍ୟାୟରେ ହେବ ଭୋଟ




**ନୂଆଦିଲ୍ଲୀ:** ଦେଶର ୫୪୩ ଲୋକସଭା ଆସନର ନିର୍ବାଚନ ପାଇଁ ଆଜି ତାରିଖ ଘୋଷଣା କରାଯାଇଛି। ଭାରତର ସବୁଠାରୁ ବଡ଼ ରାଜ୍ୟ ଉତ୍ତର ପ୍ରଦେଶରେ ଏପ୍ରିଲ ୧୯ରୁ ଲୋକସଭା ନିର୍ବାଚନ ପାଇଁ ଭୋଟିଂ ଆରମ୍ଭ ହେବ। ଏହା ଜୁନ ୧ ଯାଏ ଚାଲିବ। ୮୦ଟି ଲୋକସଭା ଆସନ ପାଇଁ ଲୋକମାନେ ଏହି ୭ ପର୍ଯ୍ୟାୟରେ ମତଦାନ କରିବେ। ସେହିପରି ବିହାରରେ ମୋଟ ଲୋକସଭା ଆସନ ସଂଖ୍ୟା ୪୦। ଏଠାରେ ମଧ୍ୟ ମୋଟ ୭ଟି ପର୍ଯ୍ୟାୟରେ ଭୋଟିଂ ହେବ। ପଶ୍ଚିମବଙ୍ଗର ୪୨ଟି ଲୋକସଭା ଆସନ ପାଇଁ ମଧ୍ୟ ୭ଟି ପର୍ଯ୍ୟାୟରେ ଭୋଟ ହେବ। ମୁଖ୍ୟ ନିର୍ବାଚନ କମିଶନର ଲୋକସଭା ଭୋଟିଂ ତାରିଖ ଘୋଷଣା କରିବା ବେଳେ ଏହି ସୂଚନା ଦେଇଛନ୍ତି।

**ଜାଣନ୍ତୁ କେଉଁ ରାଜ୍ୟରେ କେବେ କେତୋଟି ଆସନ ପାଇଁ ପଡ଼ିବ ଭୋଟ**

ପ୍ରଥମ ପର୍ଯ୍ୟାୟ ଅର୍ଥାତ ଏପ୍ରିଲ ୧୯ରେ ୨୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୧୦୨ଟି ଲୋକସଭା ଆସନରେ ଭୋଟିଂ ହେବ। ଅରୁଣାଚଳ ପ୍ରଦେଶ ୨ଟି, ଆସାମର ୫ଟି, ବିହାରର ୪ଟି, ଛତିଶଗଡ଼ର ୧, ମଧ୍ୟପ୍ରଦେଶର ୬ଟି, ମହାରାଷ୍ଟ୍ରର ୫ଟି, ମଣିପୁରର ୨ଟି, ମେଘାଳୟର ୨ଟି, ମିଜୋରାମ ୧, ନାଗାଲ୍ୟାଣ୍ଡର ୧, ରାଜସ୍ଥାନର ୧୨ଟି, ସିକ୍କିମର ୧, ତାମିଲନାଡୁର ସମସ୍ତ ୩୯, ତ୍ରିପୁରାର ୧, ଉତ୍ତର ପ୍ରଦେଶର ୮ଟି, ଉତ୍ତରାଖଣ୍ଡର ୫ଟି, ପଶ୍ଚିମବଙ୍ଗର ୩ଟି, ଆଣ୍ଡାମାନ ନିକୋବରର ୧, ଜମ୍ମୁ-କଶ୍ମୀରର ୧, ଲାକ୍ଷାଦ୍ୱୀପର ୧ ଓ ପୁଡୁଚେରୀର ଗୋଟିଏ ଆସନରେ ଭୋଟ ହେବ। ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ ୨୬ ଏପ୍ରିଲରେ ୧୩ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୮୯ଟି ଆସନରେ ଭୋଟ ପଡ଼ିବ। ଆସାମର ୫ଟି, ବିହାରର ୫ଟି, ଛତିଶଗଡ଼ର ୩, କର୍ଣ୍ଣାଟକାର ୧୪ଟି, କେରଳ ସମସ୍ତ ୨୦ଟି, ମଧ୍ୟପ୍ରଦେଶର ୭ଟି, ମହାରାଷ୍ଟ୍ରର ୮ଟି, ମଣିପୁରର ୧ଟି, ରାଜସ୍ଥାନର ବାକି ୧୩ଟି, ତ୍ରିପୁରାର ୧, ଉତ୍ତର ପ୍ରଦେଶର ୮ଟି, ପଶ୍ଚିମବଙ୍ଗର ୩ଟି ଓ ଜମ୍ମୁ-କଶ୍ମୀରର ଗୋଟିଏ ଆସନରେ ଭୋଟ ହେବ।


ତୃତୀୟ ପର୍ଯ୍ୟାୟ ଅର୍ଥାତ ମେ' ୭ ତାରିଖରେ ୧୨ଟି ରାଜ୍ୟର ୯୨ଟି ଆସନରେ ମତଦାନ ହେବ। ଆସାମର ବାକି ୪ଟି, ବିହାରର ୫ଟି, ଛତିଶଗଡ଼ର ବାକି ରହିଥିବା ୭ଟି, ଗୁଜରାଟର ସମସ୍ତ ୨୬ଟି ଆସନ, କର୍ଣ୍ଣାଟକାର ସମସ୍ତ ୧୪ଟି, ମଧ୍ୟପ୍ରଦେଶର ୮ଟି, ମହାରାଷ୍ଟ୍ରର ୧୧ଟି, ଉତ୍ତର ପ୍ରଦେଶର ୧୦ଟି, ପଶ୍ଚିମବଙ୍ଗର ୪ଟି, ଦାଦ୍ରା ନଗର ହାବେଳୀ ୨ଟି ଓ ଜମ୍ମୁ-କଶ୍ମୀରର ଗୋଟିଏ ଆସନରେ ଭୋଟ ହେବ।

୪ର୍ଥ ପର୍ଯ୍ୟାୟ ଅର୍ଥାତ ମେ' ୧୩ ତାରଖରେ ୧୦ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୯୬ଟି ଆସନରେ ମତଦାନ ହେବ। ଆନ୍ଧ୍ରପ୍ରଦେଶର ସମସ୍ତ ୨୫ଟି ଆସନ, ବିହାରର ୫ଟି, ଝାରଖଣ୍ଡର ୪ଟି, ମଧ୍ୟପ୍ରଦେଶର ବାକି ଥିବା ୮ଟି ଆସନ, ମହାରାଷ୍ଟ୍ରର ୧୧ଟି, ଓଡ଼ିଶାର ୪ଟି, ତେଲଙ୍ଗାନାର ସମସ୍ତ ୧୭ଟି ଆସନ, ଉତ୍ତର ପ୍ରଦେଶର ୧୩ଟି, ପଶ୍ଚିମବଙ୍ଗର ୮ଟି ଓ ଜମ୍ମୁ-କଶ୍ମୀରର ଗୋଟିଏ ଆସନ ପାଇଁ ଲୋକମାନେ ମତାଧିକାର ସାବ୍ୟସ୍ତ କରିବେ। ୫ମ ପର୍ଯ୍ୟାୟ ଅର୍ଥାତ ମେ' ୨୦ରେ ୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୪୯ଟି ଆସନରେ ଭୋଟ ପଡ଼ିବ। ବିହାରର ୫ଟି, ଝାରଖଣ୍ଡର ୩ଟି, ମହାରାଷ୍ଟ୍ରର ବାକି ଥିବା ୧୩ଟି ଆସନ, ଓଡ଼ିଶାର ୫ଟି, ଉତ୍ତର ପ୍ରଦେଶର ୧୪ଟି, ପଶ୍ଚିମବଙ୍ଗର ୭ଟି, ଜମ୍ମୁ-କଶ୍ମୀରର ବାକି ଥିବା ଗୋଟିଏ ଆସନ ଓ ଲଦାଖର ୧ ମାତ୍ର ଲୋକସଭା ଆସନରେ ଭୋଟ ହେବ।

# 'ସରକାରଙ୍କ ଇସାରାରେ କାମ କରୁଛି ନିର୍ବାଚନ ଆୟୋଗ'

ନୂଆଦିଲ୍ଲୀ: 'ସରକାରଙ୍କ ଇସାରାରେ କାମ କରୁଛି ନିର୍ବାଚନ ଆୟୋଗ।' ଏଭଳି କିଛି ବୟାନ ଦେଇଛନ୍ତି ରାଜ୍ୟସଭା ସାଂସଦ ତଥା ବରିଷ୍ଠ କଂଗ୍ରେସ ନେତା କପିଲ ସିବଲ। ନିର୍ବାଚନ ବଣ୍ଡ ପ୍ରସଙ୍ଗରେ ସେ ପୁଣି ଥରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ବର୍ଷିଛନ୍ତି । କେବଳ ସେତିକି ନୁହେଁ ଦେଶରେ ୭ଟି ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି।

ସେ କହିଛନ୍ତି ଯେ 'ନିର୍ବାଚନ ବଣ୍ଡ ନାମରେ ଏକ ବଡ ଦୁର୍ନୀତି ହୋଇଛି, ଏଥିରୁ ବିଜେପି ସିଧାସଳଖ ଲାଭ କରିଛି। ଏହି ଦୁର୍ନୀତି ବିଷୟରେ ଏବେ ଆରଏସଏସ ଏବଂ ବିଜେପି କ'ଣ କହିବେ ସେମାନେ ଏହାର ଉତ୍ତର ଦେବା ଉଚିତ୍। ଇଡି କେବଳ ବିରୋଧୀ ଦଳର ନେତାଙ୍କ ଉପରେ ଆକ୍ରମଣ କରୁଛି। ଅରବିନ୍ଦ କେଜ୍ରିଓ୍ୱାଲଙ୍କୁ ଶୀଘ୍ର ଗିରଫ କରାଯିବ। ନିର୍ବାଚନ ଆୟୋଗ ସରକାରଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରନ୍ତି। ସାତଟି ପର୍ଯ୍ୟାୟରେ ନିର୍ବାଚନ କରି ଆୟୋଗ ଏହା ପ୍ରମାଣ କରିବାକୁ ଚାହୁଁଛନ୍ତି।'





ଏହାପୂର୍ବରୁ ନିର୍ବାଚନ ବଣ୍ଡ ବିଷୟରେ ସୂଚନା ସାର୍ବଜନୀନ ହେବା ପରେ ସିବଲ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟାର୍ଗେଟ କରିଥିଲେ। ନିର୍ବାଚନ ବଣ୍ଡର ସବିଶେଷ ତଥ୍ୟ ଦର୍ଶାଉଛି ଯେ କେଉଁଠି ନା କେଉଁଠି ଲାଭ ବଦଳରେ ଲାଭ ନେବା କାମ କରାଯାଇଛି ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ କଟାକ୍ଷ କରି ସେ କହିଥିଲେ ଯେ, 'ପୂର୍ବରୁ କେହି ଜଣେ କହିଥିଲେ ଯେ, ମୁଁ ଖାଇବି ନାହିଁ କିମ୍ବା କାହାକୁ ଖାଇବାକୁ ଦେବି ନାହିଁ। ୨୦୧୪ ପୂର୍ବରୁ ଦୁର୍ନୀତି ଶେଷ କରିବାକୁ ପ୍ରତିଶ୍ରୁତି ଦେଇ ପ୍ରଧାନମନ୍ତ୍ରୀ ମୋଦି ଏହା କହିଥିଲେ।' କହିରଖୁ ଯେ, ମାର୍ଚ୍ଚ ୧୪ ରେ ନିର୍ବାଚନ ଆୟୋଗ ନିର୍ବାଚନ ବଣ୍ଡର ବିବରଣୀ ସାର୍ବଜନୀନ କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ମାର୍ଚ୍ଚ ୧୨ରେ ନିର୍ବାଚନ ଆୟୋଗଙ୍କୁ ବଣ୍ଡର ବିବରଣୀ ପ୍ରଦାନ କରିଥିଲା। ଯାହା ପରେ ଏହା ସାର୍ବଜନୀନ କରାଯାଇଥିଲା। ଏହା ସାମ୍ନାକୁ ଆସିବା ମାତ୍ରେ ବିରୋଧୀ ଦଳ ବୟାନବାଜୀ ଆରମ୍ଭ କରିଦେଇଛନ୍ତି।

# "ମୁକ୍ତିର ଦେବତା ଶ୍ରୀ ଜଗନ୍ନାଥ"



**ଫକୀର ଚରଣ ବେହେରା**

ହିନ୍ଦୁ ଧର୍ମର ପୁରାଣ ଶାସ୍ତ୍ରାଦିରେ ଶ୍ରୀ ଜଗନ୍ନାଥଙ୍କୁ ମୁକ୍ତିର ଦେବତା ବୋଲି ବର୍ଣ୍ଣନା କରାଯାଇଛି। ସବୁ ଦେବତାଙ୍କ କ୍ଷେତ୍ରରେ ଶାପ, ଅଭିଶାପ, କ୍ରୋଧ, ପୂର୍ବଜନ୍ମ-ପରଜନ୍ମ ଆଦି ବିଭିନ୍ନ ଗୁଣ ରହିଛି। ଏକମାତ୍ର ଜଗନ୍ନାଥ ଏ ସବୁର ଉର୍ଦ୍ଧରେ। ସେ ସଦା ସର୍ବଦା ଦୟା, କ୍ଷମା, କରୁଣାର ସିନ୍ଧୁ-ମଙ୍ଗଳମୟ ଅଟନ୍ତି। କପିଳ ସଂହିତାରେ କୁହାଯାଇଛି -

"ସର୍ବେଷାଂ ସର୍ବକ୍ଷେତ୍ରାଣାଂ ରାଜାଶ୍ରୀ ପୁରୁଷୋତ୍ତମ।
ସାର୍ବେଷାଂ ସର୍ବଦେବାନାଂ ରାଜଶ୍ରୀ ପୁରୁଷୋତ୍ତମ।''

ଅର୍ଥାତ୍ - ସବୁକ୍ଷେତ୍ର ମାନଙ୍କ ଭିତରେ ପୁରୁଷୋତ୍ତମ କ୍ଷେତ୍ର ହେଉଛି ଶ୍ରେଷ୍ଠ କ୍ଷେତ୍ର। ପୁରୁଷୋତ୍ତମ ଜଗନ୍ନାଥ ହିଁ ସର୍ବ ଦେବଙ୍କ ମଧ୍ୟରେ ଶ୍ରେଷ୍ଠ ରାଜ ରାଜେଶ୍ୱର ଅଟନ୍ତି। ମହାପ୍ରଳୟ କାଳରେ ମହର୍ଷି ମାର୍କଣ୍ଡେୟଙ୍କୁ ସ୍ୱୟଂ ନାରାୟଣ କହିଥିଲେ, "ଇମଂହି ପାବନକ୍ଷେତ୍ରମ୍।" ଏହି ପୁରୁଷୋତ୍ତମ କ୍ଷେତ୍ରହିଁ ପାବନ ବା ମୋକ୍ଷକ୍ଷେତ୍ର। ଏହି କ୍ଷେତ୍ରରେ ଯେଉଁମାନେ ବୈକୁଣ୍ଠ ଧାମ ପ୍ରାପ୍ତ ହୁଅନ୍ତି, ସେମାନେ ପୁନର୍ବାର ସଂସାରକୁ ଫେରନ୍ତି ନାହିଁ। ସ୍କନ୍ଦ ପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟ ଖଣ୍ଡରେ ପୂଣ୍ୟ ନିଳାଚଳକୁ ବିଷ୍ଣୁଙ୍କର ପରମପଦ ବୋଲି ଉଲ୍ଲେଖ କରାଯାଇଛି। ଏଠାରେ ଜନ୍ମିତ ସଚରାଚରେ କୀଟପତଙ୍ଗ, ପଶୁ-ପକ୍ଷୀ ମନୁଷ୍ୟ ଆଦି ସମସ୍ତେ ସ୍ୱୟଂ ନାରାୟଣଙ୍କ ଦୁର୍ଲ୍ଲଭ ସାନ୍ନିଧ୍ୟ ବଳରେ ମୁକ୍ତିଲାଭ କରିଥାନ୍ତି। ବିଷ୍ଣୁ ସହସ୍ର ନାମରେ କୁହାଯାଇଛି - "ଓଁ ଯସ୍ୟ ସ୍ମରଣ ମାତ୍ରେଣ ଜନ୍ମ-ସଂସାର ବନ୍ଧନାତ୍" -ଅର୍ଥାତ୍ ଯାହାର ନାମକୁ ସ୍ମରଣ କରିବା ମାତ୍ରେ ଜୀବ-ଜନ୍ମ ମୃତ୍ୟୁର ସଂସାର ବନ୍ଧନରୁ ମୁକ୍ତି ପାଇଥାଏ। ବ୍ରହ୍ମ ପୁରାଣରେ ବର୍ଣ୍ଣିତ ଅଛି - "ନ୍ୟାଗ୍ରୋଧଂ ଦୃଷ୍ଟ୍ୱାବ ନାରାୟଣମ୍ କଳ୍ମଷଂ।"

ଅର୍ଥାତ୍- ନ୍ୟାଗ୍ରୋଧ ବା ବଟବୃକ୍ଷ ରୂପୀ ନାରାୟଣଙ୍କ ଦର୍ଶନ ମାତ୍ରେ ସକଳ ପାପ ଦୂରହୋଇଯାଏ। ଋକ୍ ବେଦରେ ଦାରୁବ୍ରହ୍ମ ପୁରୁଷୋତ୍ତମଙ୍କ ବିଷୟରେ ଉଲ୍ଲେଖ ଅଛି -

"ଅଦୋ ଯଦ୍ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍।
ତଦାରଭସ୍ୱ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍।"(୧୦-୫-୩)

ଦେବଙ୍କ ଶୟନାଚାର୍ଯ୍ୟ ବ୍ୟାଖ୍ୟା କରିଛନ୍ତି - ବର୍ତ୍ତମାନ ପୁରୁଷୋତ୍ତମାକ୍ଷ ଯେଉଁ ଦେବତା ଶରୀର ସମୁଦ୍ର ଜଳରେ ଭାଷାମାନ, ତାହାଙ୍କର କେହି ନିର୍ମାତା ନଥିବାରୁ ସେ ଅପୌରୂଷ। ଏହି ଦାରୁ ଦେବତାଙ୍କୁ ଉପାସନା କରି ବୈଷ୍ଣବ ଗଣ ପରମ ଗତି ପ୍ରାପ୍ତ ହୋଇଥାନ୍ତି। ସ୍କନ୍ଦ ପୁରାଣର ଉତ୍ତର ଖଣ୍ଡରେ ବର୍ଣ୍ଣିତ ହୋଇଅଛି- " ବରାହ ରୂପୀ ବିଷ୍ଣୁ ଦନ୍ତାଗ୍ରରେ ପୃଥିବୀକୁ ମହାପ୍ରଳୟରୁ ଉଦ୍ଧାର କରି ସାରିବା ପରେ-ଦିନେ ବ୍ରହ୍ମା ବିଷ୍ଣୁଙ୍କୁ ପ୍ରଶ୍ନ କଲେ -" କେଉଁ ଉପାୟରେ ସଚରାଚର ଜୀବ କୁଳର ମୋକ୍ଷ ସମ୍ପାଦନ କରିହେବ? ବିଷ୍ଣୁ ଉତ୍ତର ଦେଲେ ପୁରୁଷୋତ୍ତମ କ୍ଷେତ୍ରର ନୀଳଗିରି ଠାରେ ସେ ସ୍ୱୟଂ ନୀଳମାଧବ ରୂପରେ ପୂଜା ପାଇଆସୁଛନ୍ତି। ତାଙ୍କୁ ଦର୍ଶନ କଲାମାତ୍ରେ ସାଯୁଜ୍ୟ ମୁକ୍ତି ପ୍ରାପ୍ତ ହୁଏ। ସ୍କନ୍ଦ ପୁରାଣ ଅନୁସାରେ-ଦଶାବତାର ମାନଙ୍କ ଦର୍ଶନରେ ଯେଉଁ ସୁଫଳ ମିଳିଥାଏ, ତାହା ମର୍ତ୍ତ୍ୟଲୋକସ୍ଥ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଦର୍ଶନ ରେ ହିଁ ପ୍ରାପ୍ତ ହୋଇଥାଏ। ଶ୍ରୀକ୍ଷେତ୍ରରେ ଥିବା ପଞ୍ଚ ପୁଷ୍କରିଣୀ ତଥା ଇନ୍ଦ୍ରଦ୍ୟୁମ୍ନ ସରୋବର, ମାର୍କଣ୍ଡେୟ ପୁଷ୍କରିଣୀ, ନରେନ୍ଦ୍ର ପୁଷ୍କରଣୀ, ଶ୍ୱେତଗଙ୍ଗା ଓ ରୋହିଣୀ କୁଣ୍ଡର ଜଳରେ ସ୍ନାନ କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ମୁକ୍ତିପ୍ରାପ୍ତ ହୁଏ ବୋଲି ବିଶ୍ୱାସ କରାଯାଏ।



ଶ୍ରୀଜଗନ୍ନାଥଙ୍କ କୈବଲ୍ୟ, ମହାପ୍ରସାଦ ଓ ନିର୍ମାଲ୍ୟ ସେବନରେ ମଧ ମନୁଷ୍ୟକୁ ମୋକ୍ଷ ପ୍ରାପ୍ତି ମିଳିଥାଏ। ଇନ୍ଦ୍ର ଯାମଳ ଗ୍ରନ୍ଥରେ ବର୍ଣ୍ଣିତ ଅଛି ଯେ, ଯେଉଁ ଅନ୍ନକୁ ନିଜେ ମାହେଶ୍ୱରୀ ଧୂପ ସମୟରେ ବିଷ୍ଣୁଙ୍କୁ ଅର୍ପଣ କରନ୍ତି, ସେହି ଅନ୍ନ ସେବନ ମାତ୍ରେ ମୁକ୍ତିଲାଭ ହୋଇଥାଏ। ସେଥିପାଇଁ ବ୍ରହ୍ମବୈବର୍ତ୍ତ ପୁରାଣରେ କୁହାଯାଇଛି -

"ଜଗନ୍ନାଥସ୍ୟ ନୈବେଦ୍ୟଂ
ମହାପାତକ ନାଶନମ୍
ଭକ୍ଷଣାତ୍ ଫଳ ମାପ୍ନୋତି
କପିଳା କୋଟି ଦାନଜଂ।"

ଶ୍ରୀ ଜଗନ୍ନାଥଙ୍କୁ ଯେଉଁ ଅନ୍ନଭୋଗ ସମର୍ପଣ କରାଯାଏ, ତାହା ସାଧାରଣ ଅନ୍ନ ନୁହେଁ ; ତାହା "ଅନ୍ନ-ବ୍ରହ୍ମ" ବା "ବ୍ରହ୍ମାନ୍ନ"। ଶ୍ରୀମନ୍ଦିରରେ ଷଡ଼ଙ୍ଗ ସଂସ୍କାର ଦ୍ୱାରା ଅନ୍ନତ୍ୱର ବିଲୋପ ସାଧନ କରାଯାଇ ବ୍ରହ୍ମତ୍ୱ ଆରୋପିତ ହୋଇଥାଏ। ଏହି ବ୍ରହ୍ମାନ୍ନ ସ୍ୱୟଂ ମା' ଲକ୍ଷ୍ମୀଙ୍କ ଦ୍ୱାରା ବୈଷବାଗ୍ନିରେ ରନ୍ଧନ କରାଯାଏ ବୋଲି ସ୍କନ୍ଦ ପୁରାଣ ଓ ପଦ୍ମ ପୁରାଣରେ ଦର୍ଶାଯାଇଛି। କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ କାବ୍ୟରେ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ବର୍ଣ୍ଣନା କରିଛନ୍ତି -

"ଯେବଣ କଟକେ ଛଟକେ ବରାଟକେ ମୁକତି ମହାପ୍ରସାଦରେ ସାଦରେ ଲୋକମାନେ ଲଭନ୍ତି। ଅର୍ଥାତ୍ - ଶ୍ରୀକ୍ଷେତ୍ରରେ ଲୋକମାନେ ଆନନ୍ଦରେ ସ୍ୱଳ୍ପ ମୂଲ୍ୟରେ କଉଡି ବଳଦରେ ମହାପ୍ରସାଦ ସେବଦ କରି ମୁକ୍ତି ପାଇଥାନ୍ତି।

ସେହି ପରମବ୍ରହ୍ମ କୋଟି-କୈବଲ୍ୟ-ନାଥ, ପତିତପାବନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଆମେ ଏତେ ନିକଟରେ ପାଇଁବା ଅତି ଭାଗ୍ୟ କଥା। ପ୍ରତିଟି ମୁହୁର୍ତ୍ତରେ ନିଜର ଦୈନ ଦିନ କର୍ମ ମଧ୍ୟରେ ତାଙ୍କ ରୂପକୁ ଧ୍ୟାନ କର। ତାଙ୍କରି ଚରଣାରବିନ୍ଦରେ ସମ୍ପୂର୍ଣ୍ଣ ଶରଣ ଯାଅ, ତେବେଯାଇ ତୁମେ ପରମ ଶାନ୍ତି ଲାଭ କରିବ।। ଜୟ ଜଗନ୍ନାଥ ସ୍ୱାମୀ

---

## ଭିଓଭିରେ ଖବର ପ୍ରକାଶନ ପରେ ମରାମତି ହେଲା ରାସ୍ତା

**ରଶ୍ମି ରଞ୍ଜନ ମହାରଥା
(ପୁରୀ, ଜିଲ୍ଲା ପ୍ରତିନିଧି)**



ପୁରୀ (ଭିଓଭି): ଭଏସ୍ ଅଫ୍ ଭିକ୍ଟିମ୍ସ ର ତୃତୀୟ ସଂସ୍କରଣରେ "ମରଣଯନ୍ତା ପାଲଟିଛି ମୁଖ୍ୟ ପ୍ରବେଶ ପଥ" ଶୀର୍ଷକ ଖବର ପ୍ରକାଶିତ ହେବା ପରେ ପୁରୀ ସହରର ଅନ୍ୟତମ ମୁଖ୍ୟ ପ୍ରବେଶ ପଥ ତାଳବଣିଆ ସ୍ଥିତ ବିନୋବା ନଗର ନିକଟରେ ନଳା ପାଣି ଯୋଗୁଁ ମୁଖ୍ୟ ରାସ୍ତାରେ ସୃଷ୍ଟି ହୋଇଥିବା ପ୍ରାୟ ୩୦ ଫୁଟ ଲମ୍ବ, ୩ ଫୁଟ ଓସାର ଏବଂ ୧ ଫୁଟ ଗଭୀରର ଘାଇଟି ମରାମତି ହୋଇଛି।

ଖବର ପ୍ରକାଶ ପାଇବା ପରେ ବିଭାଗ ତରଫରୁ ତରବରିଆ ଭାବେ କିଛି ମେଟାଲ ଡଷ୍ଟ ପକାଇ ଘାଇଟିକୁ ପ୍ରଥମେ ପୋତି ଦିଆ ଯାଇଥିଲା। ମାତ୍ର ନଳା ପାଣିର ପ୍ରଭାବରେ ପୁନର୍ବାର ଉକ୍ତ ସ୍ଥାନରେ ଘାଇ ହୋଇଯାଇଥିଲା। ତେଣୁ ରାଜରାସ୍ତା ବିଭାଗ ଏବେ ଜେସିବି ସାହାଯ୍ୟରେ ରାସ୍ତାକୁ ଖୋଳି ସେହି ସ୍ଥାନରେ ହୋମ ପାଇପ ପକାଇ ଉକ୍ତ ନଳା ପାଣିକୁ ଉକ୍ତ ପାଇପ ମଧ୍ୟ ଦେଇ ରାସ୍ତା ପାର କରାଇବାରୁ ଉକ୍ତ ସମସ୍ୟାର ସମାଧାନ ହୋଇଛି। ପାଇପ ପକା ଯାଇଥିବା ସ୍ଥାନରେ କଂକ୍ରିଟ ଢ଼ଳାଇ କରାଯାଇ ଗମନା ଗମନର ସୁବିଧା କରାଯାଇଛି। ପ୍ରକାଶ ଥାଉ କି, ପ୍ରାୟ ଏକ ବର୍ଷରୁ ଅଧିକ ସମୟ ହେବ ଉକ୍ତ ସ୍ଥାନରେ ନଳା ପାଣି ଦ୍ୱାରା ସୃଷ୍ଟି ହୋଇଥିବା ଘାଇଟି ଯୋଗୁଁ ସ୍କୁଲ ପିଲାଙ୍କ ଠାରୁ ଆରମ୍ଭ କରି ବୃଦ୍ଧ, ବୃଦ୍ଧା, ସାଧାରଣ ଯାତ୍ରୀ, ଗାଡି ମୋଟର ଆଦି ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପ୍ରତିଦିନ କିଛି ନା କିଛି ଦୁର୍ଘଟଣା ଘଟୁଥିଲା। ମାତ୍ର ଭଏସ୍ ଅଫ୍ ଭିକ୍ଟିମ୍ସରେ ଖବର ପ୍ରକାଶନ ପରେ ଉକ୍ତ ସମସ୍ୟା ଉପରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡି ସମସ୍ୟାର ସମାଧାନ ହେଲା ବୋଲି ଅଂଚଳର କିଛି ବୁଦ୍ଧିଜୀବି ପ୍ରକାଶ କରିଛନ୍ତି।



---

## ଅବ୍ୟବସ୍ଥା ମଧ୍ୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

**ରଶ୍ମି ରଞ୍ଜନ ମହାରଥା (ପୁରୀ, ଜିଲ୍ଲା ପ୍ରତିନିଧି)**



ପୁରୀ (ଭିଓଭି): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପିଛା ଛାଡୁନି ଅବ୍ୟବସ୍ଥା। ପ୍ରକଳ୍ପ ଉଦ୍‌ଘାଟନର ମାତ୍ର କେତୋଟି ଦିନ ନ ଯାଉଣୁ ପରିଚାଳନା ସମ୍ବନ୍ଧୀୟ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। କେତେବେଳେ କୁଢ଼ କୁଢ଼ ଅଳିଆ ଗଦା ହୋଇ ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି ତ, ଆଉ କେତେବେଳେ ଶୌଚାଳୟ ରେ ପାଣି ନଥିବାରୁ ନାହିଁ ନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ଶ୍ରଦ୍ଧାଳୁ। ଶୋଚାଳୟ ବ୍ୟବହାର ପରିବର୍ତ୍ତେ ବାହାରେ ପରିଶ୍ରା କରୁଛନ୍ତି।

ପ୍ରକଳ୍ପ ଉଦ୍‌ଘାଟନ କୁ ମାତ୍ର ୨ ମାସ ନ ପୁରୁଣୁ, ଉଦ୍‌ଘାଟନ ବେଳେ ଝଲମଲ ସାର୍ଫି ଆଲୋକରେ ଝଲସୁଥିବା ପରିକ୍ରମା ମାର୍ଗରେ ଏବେ ସଂଞ୍ଜ ନଇଁଲେ ଅନ୍ଧାର ହୋଇ ଯାଉଛି। ଫଳରେ ସନ୍ଧ୍ୟା ସମୟରେ ପରିକ୍ରମା ମାର୍ଗରେ ବୁଲିବାର ସୁଖଦ ଅନୁଭୂତି ସାଉଁଟି ପାରୁ ନାହାନ୍ତି ଶ୍ରଦ୍ଧାଳୁ। ଅନ୍ଧାରରେ ବସି ଭଜନ କୀର୍ତନ କରିବାକୁ ଆଗ୍ରହ ଆସୁନି ମନରେ। ଏଥିପାଇଁ ନିଘା ନାହିଁ ଶ୍ରୀମନ୍ଦିର ପ୍ରଶାସନର କି ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କର୍ମଚାରୀ ମାନଙ୍କର। ମାର୍ଗରେ ଲାଗିଥିବା ୪୪ଟି ଶାର୍ଫି ଲାଇଟ୍ ମଧ୍ୟରୁ ଏବେ ମାତ୍ର ୨୩ଟି ଲାଇଟ୍ ଜଳୁଥିବା ବେଳେ ୨୧ ଟି ଲାଇଟ୍ ସଂପୂର୍ଣ୍ଣ ଅଚଳ ହୋଇ ପଡିଛି। ରାଧାବଲ୍ଲଭ ମଠ ନିକଟରେ ୮ଟି, ପଞ୍ଜାବୀ ମଠ ନିକଟରେ ୪ଟି, ଗାଣ୍ଠୁଆ ଚଉରା ଛକରେ ୪ଟି, ପଶ୍ଚିମଦ୍ୱାର ସମ୍ମୁଖରେ ୪ଟି ଓ ବଡ଼ଆଖଡ଼ା ମଠ ନିକଟରେ ଗୋଟିଏ ଲାଇଟ୍ ଅକାମୀ ହୋଇ ପଡ଼ିଛି। ଫଳରେ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ମହଲରେ ଅସନ୍ତୋଷ ଦେଖା ଦେଇଛି। ଏହାକୁ ହୃଦୟଙ୍ଗମ କରି ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ନିମନ୍ତେ ତୁରନ୍ତ ଅଚଳ ହୋଇପଡିଥିବା ସାର୍ଫି ଲାଇଟ୍ ଗୁଡିକୁ ତୁରନ୍ତ ମରାମତି କରିବାକୁ ଦାବି ଜଣାଇ ଶନିବାର ଦିନ ଆସୋସିଏସନ ଅଫ୍ ଟ୍ୱିଟର ଆକ୍ଟିଭିଷ୍ଟ (ଆଟା) ସଦସ୍ୟ ବିସ୍ମୟ ମିଶ୍ରଙ୍କ ନେତୃତ୍ୱରେ ଆସୋସିଏସନ ର ଏକ ଟିମ୍ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଂଚି ଉପମୁଖ୍ୟ ପ୍ରଶାସକ ସମର୍ଥ ବର୍ମାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ବିକାଶଠୁ ବହୁଦୂରରେ 'ଗୁଡ଼ିନର୍ଦ୍ଦା' ଗାଁ

# ଅନ୍ଧାରରେ ଆଦିମ ଜୁଆଙ୍ଗ ଜନଜାତିଙ୍କ ଭବିଷ୍ୟତ

ତେଲକୋଇ: ସମୟ ବଦଳିବା ସହିତ ଯୁଗ ମଧ୍ୟ ବଦଳିଛି। ପିଢ଼ି ପରେ ପିଢ଼ି ବଦଳିଲେବି ଆଜିର ଏଇ ଡିଜିଟାଲ ଯୁଗରେ ବଦଳିନି ଜୁଆଙ୍ଗ ଜନଜାତିଙ୍କ ଭାଗ୍ୟ ଭବିଷ୍ୟତ। ସମ୍ପ୍ରତି ସରକାର ସତେ ଯେମିତି ସେମାନଙ୍କ ପ୍ରତି ଆଖି ବୁଜି ଦେଇଛନ୍ତି। ଅନ୍ୟପଟେ ଜୁଆଙ୍ଗ ଜନଜାତିଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସରକାର ମାଳମାଳ ଯୋଜନା କରିଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କ ଉଦାସୀନତା ସେମାନଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ ହୋଇଛି। ଫଳରେ ବିଭିନ୍ନ ସମସ୍ୟାରେ ଘାଣ୍ଟି ହୋଇ ଦୁର୍ଦ୍ଦିନରେ କାଳ କାଟୁଛନ୍ତି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର ଉପାନ୍ତ ତାଳପଦା ପଞ୍ଚାୟତ ଅଧିନରେ ଥିବା ଦୁର୍ଗମ 'ଗୁଡିନର୍ଦ୍ଦା' ଗ୍ରାମର ୮୦ଟି ଆଦିମ ଜୁଆଙ୍ଗ ଜନଜାତି ପରିବାର। ତେଲକୋଇ ବ୍ଲକ୍ ମୁଖ୍ୟାଳୟରୁ ୩୫ କିମି ଦୂରରେ ରହିଛି ତାଳପଦା ପଞ୍ଚାୟତର ୮ନମ୍ବର ୱାର୍ଡ ଯଥା ଗୁଡ଼ିନାର୍ଦ୍ଦା ଗ୍ରାମ। ଏହି ଗାଁ'କୁ ବିଂଶ ଶତାବ୍ଦୀରେ ମଧ୍ୟ ସରକାରୀ ଯୋଜନା ଅପହଞ୍ଚ। ଗମନା ଗମନ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ଗ୍ରାମର ୫ ଶହ ବାସିନ୍ଦା ବଞ୍ଚିତ ରହିଛନ୍ତି। ସରକାରୀ କାଗଜ କଲମରେ ସମସ୍ତ ଯୋଜନା କାର୍ଯ୍ୟକାରୀ ହେଉଥିବା ନେଇ ଦର୍ଶାଯାଇଥିବା ବେଳେ ବାସ୍ତବରେ ଏଠି ସବୁ ଯୋଜନା ବାଟବଣା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ପଙ୍ଗା ଗ୍ରମାରୁ ୮ କିମି ଅତିକ୍ରମ କଲାପରେ ଏହି ଗ୍ରାମକୁ ଯାଇପାରିବେ। ମାତ୍ର ନୀତି ଦିନିଆ ରାସ୍ତା ଖଣ୍ଡିଏ ନଥିବାରୁ ଗମନା ଗମନ ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପଥୁରିଆ ଘାଟି ରାସ୍ତାରେ ଯିବା ମୁସ୍କିଲ ହୋଇପଡୁଛି। ମନରେଗା ଯୋଜନାରେ ରାସ୍ତା ନିର୍ମାଣ ହୋଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ତଦାରଖର ଅଭାବ ହେତୁ ତାହା ବାଟବଣା ହୋଇପଡ଼ିଛି। ପ୍ରାଥମିକ ଶିକ୍ଷା ପାଇଁ ଗ୍ରାମରେ ବିଦ୍ୟାଳୟ ଟିଏ ରହିଛି। ୪୫ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୨ ଜଣ ଶିକ୍ଷକ ଅଛନ୍ତି। ଶିକ୍ଷାଦାନ ଜେନେତେନେ ଚାଲୁଥିଲେ ସୁଦ୍ଧା ଆବଶ୍ୟକ ଶ୍ରେଣୀ ଗୃହ ନଥିବାରୁ ସେହି ପୁରୁଣା ଘରେ ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟାଳୟ ଚାଲିଛି। କେବଳ ରଙ୍ଗ ମାରି ବିଭାଗ କାର୍ଯ୍ୟ ସମ୍ପାଦନ କରୁଥିବା ଅଭିଯୋଗ ହୋଇଛି। ଦୀର୍ଘଦିନ ହେବ ଏକ ନୂତନ ଛାତ ଘର ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଛି। ଏଥିପ୍ରତି ସରକାରଙ୍କ ଦୃଷ୍ଟି ପଡୁନଥିବା ଅଭିଯୋଗ ହୋଇଛି। ଅନ୍ୟପଟେ କୋମଳମତି ଛାତ୍ରଛାତ୍ରୀଙ୍କ ପାଇଁ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟ ରହିଛି। ମାତ୍ର ତାହା ନିୟମିତ ଖୋଲୁ ନଥିବା ଅଭିଯୋଗ ହୋଇଛି। ପାନୀୟଜଳ ବ୍ୟବସ୍ଥା କହିଲେ ଚୁଆ ହିଁ ଭରସା। ଗ୍ରାମରେ ଦୁଇଟି ନଳକୂପ ରହିଛି। ସେଥିମଧ୍ୟରୁ ଗୋଟିଏ ଦୀର୍ଘ ଦିନ ହେବ ଅଚଳ ହୋଇଥିବା ବେଳେ ଅନ୍ୟଟି ଲୌହଯୁକ୍ତ ପାଣି ବାହାରୁଥିବା ତାହା ପାନୀୟଜଳ ପାଇଁ ଅନୁପଯୋଗୀ ହୋଇପଡ଼ିଛି। ଫଳରେ ଲୋକେ ଗାଁ ମୁଣ୍ଡରେ ଥିବା ଏକ ନାଳରେ ଚୁଆକରି ଦୂଷିତ ପାଣିକୁ ପାନୀୟଜଳ ଭାବେ ବ୍ୟବହାର କରୁଛନ୍ତି। ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ମଧ୍ୟ ଚୁଆ ପାଣି ବ୍ୟବହାର କରାଯାଉଛି। ଏପରି ସ୍ଥଳେ ବିଦ୍ୟାଳୟ ପରିସରରେ ଏକ ନୂତନ ନଳକୂପ ଖନନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗାଁ'କୁ ଆଜି ଯାଏଁ ବିଦ୍ୟୁତ୍ ସଂଯୋଗ ହୋଇ ପାରିନଥିବା ବେଳେ କିଛି ବର୍ଷ ପୂର୍ବରୁ ସରକାର କେବଳ ସୋଲାର ଲାଇଟ ଯୋଗାଇ ଦେଇ କାଗଜ କଲମରେ ନିଜ କାମ ସାରି ଦେଇଛନ୍ତି। ସେଥିମଧ୍ୟରୁ ଅଧିକାଂଶ ଅଚଳ ଓ ଭାଙ୍ଗି ରୁଜି ଗଲାଣି। ଆଉ କେତେକ ପରିବାର ନିଆଁ ଖୁଣ୍ଟା ଜାଳି ରାତିର ଅନ୍ଧକାର ଦୂର କରୁଥିବା ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟ ସେବା ଏଠାରେ ବଡ଼ ସମସ୍ୟା ସୃଷ୍ଟି କରିଛି। ଗ୍ରାମଟି ବାହ୍ୟଜଗତରୁ ଏକ ପ୍ରକାର ବିଚ୍ଛିନ୍ନ ରହିଥିବା ବେଳେ ସ୍ୱାସ୍ଥ୍ୟସେବା ସେମାନଙ୍କ ପାଇଁ ଅପହଞ୍ଚ ରହିଛି। ଗୁଣିଗାରେଡ଼ି ଓ ଚେରମୂଳି ଭରସାରେ ଲୋକେ ଦିନ କାଟୁଛନ୍ତି। ଅନ୍ୟପଟେ ସାମାଜିକ ସୁରକ୍ଷା ଯୋଜନାରୁ ମଧ୍ୟ ଅନେକ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଗୁଡ଼ିନର୍ଦ୍ଦା ଗ୍ରାମର ସମସ୍ୟାକୁ ତୁରନ୍ତ ସମାଧାନ କରାଯାଇ କାର୍ଯ୍ୟକ୍ଷମ କରିବାକୁ ୱାର୍ଡ ମେମ୍ବର ଭଗବାନ ନାଏକ, ପୂର୍ବତନ ସରପଞ୍ଚ ସାବିତ୍ରୀ ଜୁଆଙ୍ଗଙ୍କ ସମେତ ଧନେଶ୍ୱର ନାଏକ, କୀର୍ତ୍ତନ ନାଏକ, ବଳରାମ ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ସମେତ ସମସ୍ତ ଗ୍ରାମବାସୀ ଦାବି କରିଛନ୍ତି।





## ଅଧୁରା ରହିଲା ଆଦିବାସୀ ଛାତ୍ରଛାତ୍ରୀଙ୍କ ପଢ଼ିବା ଆଶା

# ଏଜୁକେସନାଲ୍ କମ୍ପ୍ଲେକ୍ସ ଏବେ ଭୂତକୋଠି

ଗୁଣପୁର: ଉଦ୍‌ଘାଟନକୁ ୩ ବର୍ଷ ବିତିଲା। ହେଲେ ଆଦିବାସୀ ଛାତ୍ରଛାତ୍ରୀଙ୍କ କାମରେ ଆସି ପାରୁନି ଏଜୁକେସନାଲ କମ୍ପ୍ଲେସ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେପଟେ ଆଦିବାସୀଙ୍କ ସାମଗ୍ରିକ ଉନ୍ନତି ପାଇଁ ସରକାରଙ୍କ ଏହି ପଦକ୍ଷେପ ପୁଣି ଲୋକଣିଆ ବୋଲି ପ୍ରମାଣିତ ହୋଇଛି। କୋଟି କୋଟି ଟଙ୍କାରେ ଖର୍ଚ୍ଚରେ ନିର୍ମିତ ଏହି କମ୍ପ୍ଲେକ୍ସ ଏବେ ଭୂତ କୋଠି ହୋଇପଡ଼ିଛି। ରାୟଗଡା ଜିଲ୍ଲା ଗୁଣପୁରର ପୁଟାସିଙ୍ଗି ଠାରେ ଲାଞ୍ଜିଆ ସଉରା ଉନ୍ନୟନ ସଂସ୍ଥା କକ୍ଷରୁ ପକ୍ଷରୁ ଏହି କମ୍ପ୍ଲେକ୍ସ କରାଯାଇଛି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଓ ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ ଏହାର ରକ୍ଷଣାବେକ୍ଷଣ ତଥା ପରିଚାଳନା ଦାୟିତ୍ୱରେ ରହିଛି।

ଦୁଇ କୋଟିରୁ ଅଧିକ ଟଙ୍କା ବେୟରେ ଆବଡା ଆଦିବାସୀ ପିଲାଙ୍କ ପାଇଁ ଏହି ଏଜୁକେସନାଲ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ଏଠାରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଆଦିବାସୀ ପିଲାମାନଙ୍କ ଉଭୟ ପାଠପଢ଼ା ଓ ରହିବାର ବ୍ୟବସ୍ଥା ରହିଛି। ହେଲେ ନା କର୍ମଚାରୀ ନିଯୁକ୍ତ ହେଉଛନ୍ତି ନା ଏଠାରେ ପାଠପଢ଼ା ଆରମ୍ଭ ହୋଇପାରୁଛି। ଜିଲ୍ଲା ମଙ୍ଗଳ ବିଭାଗର ଦାୟିତ୍ୱହୀନତା ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି।

ଏନେଇ ସ୍ଥାନୀୟ ବାସିନ୍ଦା କରୁଣାକର ଶବର କହିଛନ୍ତି, ଏହି ବିଶାଳ କୋଠାରେ ଆଦିବାସୀ କଳା ସଂସ୍କୃତି ଝଲସୁଛି। କେଉଁଠି ଝୋଟି ଦିଆଛି ତ, କେଉଁଠି କଳାକୃତି ଦେଖିବାକୁ ମିଳୁଛି। କୋଠାରେ ବିଦ୍ୟୁତ ସରଞ୍ଜାମ ଲାଗି ସାରିଛି। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇବା ନିମନ୍ତେ ସୋଲାର ସିଷ୍ଟମ ଖଞ୍ଜା ଯାଇଛି। କର୍ମଚାରୀଙ୍କ ରହିବା ପାଇଁ କୋଠା ମଧ୍ୟ ରହିଛି। ସ୍କୁଲ କୋଠା ସହ ଲାଞ୍ଜିଆ ସଉରା ଅଞ୍ଚଳର ଛାତ୍ର ଓ ଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର ହଷ୍ଟେଲ କରାଯାଇଛି। ହେଲେ ଯୋଜନା ବାଟବଣା ହୋଇଯାଇଛି। ଏହି ସ୍କୁଲକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ସ୍ଥାନୀୟ ଲୋକ ବହୁବାର ନେତାଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ଗୁହାରି କରିଥିଲେ ହେଁ ଫଳ ଶୂନ।



ସ୍ଥାନୀୟ ବାସିନ୍ଦା କହିବା ମୁତାବକ କୋଠା ନିର୍ମାଣ ହେବାର ପ୍ରାୟ ବର୍ଷେ ପରେ ଲୋକଙ୍କ ଦାବିକୁ ଦେଖି ୨୦୧୯ ମସିହା ଜୁଲାଇ ୮ ତାରିଖରେ ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା କମ୍ପ୍ଲେକ୍ସର ଉଦଘାଟନ କରିଥିଲେ। ହେଲେ ସ୍କୁଲ କାର୍ଯ୍ୟକାରୀ କରିବାର ଅସଲ ଓ ମହତ୍ତ୍ୱପୂର୍ଣ୍ଣ ଉଦ୍ଦେଶ୍ୟକୁ ଫଳପ୍ରଦ କରାଗଲା ନାହିଁ। ଅନାବନା ଗଛ ଭିତରେ ଭୂତକୋଠି ହୋଇପଡ଼ିଛି ଏହି କମ୍ପ୍ଲେକ୍ସ। ଫଳରେ ସୋଲାର ବ୍ୟାଟେରି ନଷ୍ଟ ହୋଇଗଲାଣି। କାନ୍ଥ ଗୁଡିକରେ ଉଇ ମାଡି ଗଲାଣି। ଏହା ଭିତରେ ଥିବା ସବୁ ଜିନିଷପତ୍ର ଖତ ଖାଉଛି। ତେଣୁ କୋଟି କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ଏହି କୋଠା ମାଟିରେ ମିଶିବା ପୂର୍ବରୁ କାର୍ଯ୍ୟକ୍ଷମ ହେଲେ ଅଞ୍ଚଳର ବହୁ ଆଦିବାସୀ ପିଲା ଉପକୃତ ହୋଇପାରନ୍ତେ।

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଲୋକନାଥ ଦଳବେହେରା କହିଛନ୍ତି, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ କର୍ମଚାରୀ ଯୋଗାଇ ଦିଆଗଲେ ଆସନ୍ତା ଶିକ୍ଷାବର୍ଷ ଠାରୁ ଏହି ଏଜୁକେସନାଲ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ ହୋଇପାରନ୍ତା। କର୍ମଚାରୀ ନ ଥିବାରୁ ଏହି ସ୍କୁଲ ଖୋଲି ପାରୁନି।

## ଦଳିତଙ୍କ ବିବାଦୀୟ ଜମିରେ ତିଆରି ହୋଇଛି ଅଙ୍ଗନୱାଡି କେନ୍ଦ୍ର

କଟକ (ନିପ୍ର): ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରି ଜଣେ ଦଳିତଙ୍କ ବିବାଦୀୟ ଜମିରେ ଅଙ୍ଗନୱାଡି କେନ୍ଦ୍ର ତିଆରି ହୋଇଥିବା ନେଇ ଅଭିଯୋଗ ହୋଇଛି । ପଟ୍ଟାପୋଲ ମୋଚିସାହିର କ୍ରିଷ୍ଣା ରାଓ ଅଭିଯୋଗ କରିଛନ୍ତି ଯେ, ତାଙ୍କର ଏକ ଜମିକୁ ନେଇ ସିଏମସି ସହିତ ଅଦାଲତରେ ମାମଲା ଚାଲିଛି । ଅତୀତରେ ଏହି ଜମିରେ ପାଇଖାନା ହେବାକୁ ଯାଉଥିଲା ବେଳେ ତାହା ମକଦ୍ଦମା ବଳରେ ବନ୍ଦ ହୋଇଥିଲା । ୨୦୦୦ ମସିହାରେ ସେହି ଜମିରେ ପାର୍କ ହେବାକୁ ଯାଉଥିଲା ବେଳେ ତାହା ମଧ୍ୟ ମକଦ୍ଦମା ବଳରେ ବନ୍ଦ ରହିଥିଲା । ୨୦୦୧ ମସିହାରେ ପୋଲିସ ଫାଣ୍ଡି କରିବାକୁ ଉଦ୍ୟମ ବେଳେ ତାହା ବି କୋର୍ଟଙ୍କ ଆଦେଶ କ୍ରମେ ବନ୍ଦ ହେଲା । ପୁନଶ୍ଚ ସେସୁ ପକ୍ଷରୁ ଉକ୍ତ ଜମିରେ ଇଲେକ୍ଟ୍ରି ଟ୍ରାନ୍ସଫରମର ବସାଇବା ପୂର୍ବରୁ ଏହା ବିବାଦୀୟ ଜମି ବୋଲି କ୍ରିଷ୍ଣା କହିବା ପରେ ବି ସେହି ସ୍ଥାନରେ ୨୦୧୪ରେ ଜୋରଜବରଦସ୍ତି ବିଦ୍ୟୁତ ଟ୍ରାନ୍ସଫରମର ବସାଗଲା । ସେହିଭଳି ୨୦୨୧ ଡିସେମ୍ବର ୨୪ରେ ସିଏମସିର ଜନୈକ ଅଧିକାରୀ ଏହି ଜମିରେ ଥିବା ତାଙ୍କର ଘରକୁ ଜବରଦସ୍ତି ଭାଙ୍ଗିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ୨୦୨୩ ଜାନୁଆରୀ ୨୦ରେ ସେହି ବିବାଦୀୟ ଜମିରେ ଅଙ୍ଗନୱାଡି କେନ୍ଦ୍ର ଜୋର ଜବରଦସ୍ତ ତିଆରି କରାଗଲା । ବାରମ୍ବାର ଅଦାଲତଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଥିବା କ୍ରିଷ୍ଣା ଅଭିଯୋଗ କରିଛନ୍ତି।

# ମଦୁଆ ଗାଡ଼ିଚାଳକ ସାବଧାନ ! ଧରାପଡ଼ିଲେ ଏଥର ଜେଲ୍

ଭୁବନେଶ୍ୱର (ଭିଓଭି): ସହରରେ ଘଟୁଥିବା ବିଭିନ୍ନ ଅପରାଧକୁ ହ୍ରାସ କରିବା ନିମନ୍ତେ ଭୁବନେଶ୍ୱର-କଟକ ଦ୍ୱୈତ ନଗରୀର ପୁଲିସ କମିଶନର ତଥା ଭୁବନେଶ୍ୱର ଡିସିପିଙ୍କ ନିର୍ଦ୍ଦେଶ କ୍ରମେ "ସେଫ ସିଟି ଡ୍ରାଇଭ" ଅଭିଯାନ କ୍ରମରେ ଭୁବନେଶ୍ୱର ସହରାଞ୍ଚଳ ପୁଲିସ ଜିଲ୍ଲା ତରଫରୁ ବିଭିନ୍ନ ଥାନା ଅଞ୍ଚଳରେ ମଦ୍ୟପାନ କରି ଗାଡି ଚାଳନା ବିରୋଧରେ ଧରପଗଡ ଅଭିଯାନ କଡାକଡି ଭାବେ ଚ଼ାଲୁଅଛି । ଏହି ଧରପଗଡ ଅଭିଯାନରେ ରାସ୍ତାରେ ଯାତାୟାତ କରୁଥିବା ସମସ୍ତ ଯାନବାହାନକୁ ଯାଞ୍ଚ କରାଯିବା ସହିତ ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟ କଳାପ ବିରୋଧରେ ମଧ ଧରପଗଡ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯିବା ସହିତ ଆବଶ୍ୟକ ସ୍ଥଳେ ଗାଡି ଜବତ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚ଼ାଲାଣ କରାଯାଉଅଛି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ସହରାଞ୍ଚଳରେ ଥିବା ସମସ୍ତ ଥାନାର ଆଇଆଇସି ଏବଂ ଏସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ, ତଥା ଟ୍ରାଫିକ ଥାନା-୧ ଏବଂ ୨ ର ମିଳିତ ସହଯୋଗରେ ସହରର ଭିନ୍ନଭିନ୍ନ ସ୍ଥାନ ଗୁଡିକରେ ଧରପଗଡ କରାଯାଇଥିବା ବେଳେ, ଏହି ଧରପଗଡ ଅଭିଯାନରେ ପୁଲିସ ଅଧିକାରୀ ଏବଂ ଥାନା କର୍ମଚ଼ାରୀଙ୍କ ସମେତ ପୁଲିସ ଫୋର୍ସ ମଧ ସାମିଲ ଥିଲେ ।

ଏହି ଭୁବନେଶ୍ୱର ସହରାଞ୍ଚଳ ପୁଲିସ ତରଫରୁ ଯାଞ୍ଚ ଅଭିଯାନ ସମୟରେ ବଡଗଡ ଥାନା ତରଫରୁ ୨



ଜଣ ମଦ୍ୟପ ଗାଡି ଚ଼ାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଇ ୨ଟି ଚାରିଚକିଆ ଯାନ ଜବତ କରାଯାଇଥିବା ବେଳେ ଚନ୍ଦ୍ରଶେଖରପୁର ଥାନା ତରଫରୁ ମଧ ୬ଟି ମାମଲାରେ ୫ଟି ଚାରିଚକିଆ ଓ ୧ଟି ଦୁଇଚ଼କିଆ ଯାନ ଜବତ କରାଯାଇଥିଲା । ସେହିପରି ଟ୍ରାଫିକ ଥାନା-୧ ତରଫରୁ ୧୨ଜଣ ମଦ୍ୟପ ଗାଡିଚାଳକଙ୍କ ନିକଟରୁ ୯ଟି ଚ଼ାରିଚ଼କିଆ ଓ ୩ ଟି ଦୁଇଚକିଆ ଯାନ ଜବତ କରାଯାଇଥିବା ବେଳେ ଟ୍ରାଫିକ ଥାନା-୨ ତରଫରୁ ମଧ ୧୭ ଜଣ ମଦ୍ୟପ ଗାଡିଚ଼ାଳକଙ୍କ ନିକଟରୁ ମୋଟ ୧୭ ଟି ଚ଼ାରିଚ଼କିଆ ଯାନ ଜବତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଗତକାଲି ଭୁବନେଶ୍ୱର ସହରାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଥାନା ତରଫରୁ ମଦ୍ୟପାନ ଜନିତ ଗାଡି ଚ଼ାଳନା ବିରୋଧରେ କରାଯାଇଥିବା ଅଭିଯାନ ମାଧ୍ୟମରେ ମୋଟ ୮ ଜଣ ମଦ୍ୟପ ଚ଼ାଳକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ବେଳେ ଟ୍ରାଫିକ ଥାନା ତରଫରୁ ୨୯ ଜଣଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସମୁଦାୟ ୩୧ଟି ଚ଼ାରିଚ଼ାକିଆ ଯାନ ଓ ୪ଟି ଦୁଇଚ଼କିଆ ଯାନ କରାଯାଇଛି । ଭୁବନେଶ୍ୱର ସହରାଞ୍ଚଳକୁ ଅପରାଧ ମୁକ୍ତ କରିବା ପାଇଁ ତଥା ସହରକୁ ସୁରକ୍ଷିତ ରଖିବା ପାଇଁ "ସେଫ ସିଟି ଡ୍ରାଇଭ" ଅଧୀନରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଚ଼ାଲୁଥିବା ଖଟି, ସର୍ବସାଧାରଣରେ ନିଶାଦ୍ରବ୍ୟ କରୁଥିବା ଅସାମାଜିକ ବ୍ୟକ୍ତିବିଶେଷ ମାନଙ୍କୁ ନିୟମିତ ଭାବରେ ତଦାରଖ କରାଯାଉଅଛି । କମିଶନରେଟ ପୁଲିସ ଆଇନ ଉଲଂଘନକାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେବା ସହିତ ଭୁବନେଶ୍ୱରବାସୀଙ୍କ ସୁରକ୍ଷା ଦିଗରେ ମଧ ଯଥେଷ୍ଟ ଯତ୍ନବାନ ଅଛି ।

ଉଲ୍ଲେଖଯୋଗ୍ୟ ଯେ, ମଦ୍ୟପ ଗାଡି ଚ଼ାଳକଙ୍କ ବିରୋଧରେ ହେଉଥିବା ଅଭିଯାନ କ୍ରମରେ ଗତ ଜାନୁଆରୀ ମାସରୁ ଏଯାବତ ମୋଟ ୨୮୩ ଜଣ ମଦ୍ୟପ ଗାଡି ଚ଼ାଳକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ମୋଟ ୩୩୪ଟି ଦୁଇ/ ଚ଼ାରି ଚ଼କିଆ ଯାନ ଜବତ କରାଯାଇପାରିଛି ।

### ୨୦୨୪ ନିର୍ବାଚନୀ ପ୍ରସ୍ତୁତି

## ମାଓବାଦୀ ପ୍ରବଣ ଅଞ୍ଚଳରେ ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପାଇଁ ପୁଲିସର ମାରାଥନ ଗସ୍ତ

ଉମେରକୋଟ (ଭିଓଭି): ଚଳିତ ସାଧାରଣ ନିର୍ବାଚନକୁ ଅବାଧ ଏବଂ ନିରପେକ୍ଷ ଭାବେ କରାଇବା ପୋଲିସ ପାଇଁ ଏକ ଚାଲେଞ୍ଜ ସଦୃଶ କାରଣ ଜିଲ୍ଲାର ଉମେରକୋଟ, ରାଇଘର, ଝରୀଗାଁ ଓ ଚନ୍ଦାହାଣ୍ଡି ମାଓ ପ୍ରବଣ ଅଞ୍ଚଳ, ଏଠାକାର ବହୁ ବୁଥ୍ ଅତିସମ୍ବେଦନସିଳ ହୋଇଥିବାରୁ ପୋଲିସ ଓ ପ୍ରଶାସନ ପାଇଁ ଏକ ଚାଲେଞ୍ଜ ସଦୃଶ ହୋଇ ପଡିଛି । ଉମେରକୋଟ ଏସ୍‌ଡିପିଓ ମଧୁଶିକ୍ତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଉକ୍ତ ଚାରି ବ୍ଲକରେ ଥିବା ଅତି ସମ୍ବେଦନଶୀଳ ବୁଥ୍‌ମାନଙ୍କ ରୂପ ରେଖା ତିଆରି କରି ବାରମ୍ବାର ଗସ୍ତ କରୁଥିବାର ଦେଖାଯାଇଛି । ସୀମାନ୍ତ ଅଞ୍ଚଳରେ ଥିବା ଥାନା



ଅଞ୍ଚଳରେ ଏବେ ଠାରୁ କଡା କଡ଼ି ଭାବେ ଚେକିଂ କରୁଥିବା ସହ ପୋଲିସ ବାହିନୀର ଗସ୍ତ ଦେଖିବାକୁ ମିଳୁଛି । ରାଇଘର ଓ ଚନ୍ଦାହାଣ୍ଡି ବ୍ଲକ ପଡୋଶୀ ଛତିଶଗଡ ସୀମାନ୍ତକୁ ଲାଗି ରହିଥିବାରୁ ଓ ମାଓ ପ୍ରବଣ ଅଞ୍ଚଳ ହୋଇ ଥିବାରୁ ଏବେ ଠାରୁ ପୋଲିସ ପକ୍ଷରୁ କଡା କଡ଼ି ନଜର ରଖା ଯାଇଥିବାର ଦେଖାଯାଇଛି । ଏସ୍‌ଡିପିଓଙ୍କ ତତ୍ତ୍ୱାବଧାନରେ ସମସ୍ତ ଥାନା ଅଞ୍ଚଳ ସହ ସୀମାନ୍ତ ଅଞ୍ଚଳରେ ମଦ କାରବାର ବନ୍ଦ ସହ ଅସାମାଜିକ କାର୍ଯ୍ୟକଳାପ ନିୟନ୍ତ୍ରଣ କରାଯାଉଛି । ମାଓବାଦୀ ଅଞ୍ଚଳରେ ଥିବା ବୁଥ୍ ଗୁଡିକର ଭୋଟର ଯେପରି କୌଣସି ଭାବେ ପ୍ରଭାବିତ ନ ହେବେ ଏଥିପାଇଁ ସମ୍ପୂର୍ଣ ପ୍ରସ୍ତୁତି ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ କୌଣସି ରାଜନୈତିକ ଦଳ ଯେପରି ସାଧାରଣ ଜନତାଙ୍କୁ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଦେଇ ଲୋଭ ଦେଖାଇ ପ୍ରଭାବିତ ନ କରି ପାରନ୍ତି ଏହା ଉପରେ ନଜର ରଖାଯିବା ସହ ସମ୍ପୃକ୍ତ ଅଞ୍ଚଳର ସଦସ୍ୟ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ଅବାଧ ଓ ସୁରୁଖୁରୁରେ ନିର୍ବାଚନ କରିବା ପାଇଁ ସାଧାରଣ ଜନତାଙ୍କୁ ମଧ ସହଯୋଗ କରିବା ପାଇଁ ଏସଡିପିଓ ଅନୁରୋଧ କରିଛନ୍ତି ।

### ଅଙ୍ଗନବାଡ଼ି ୩ ବର୍ଷ ହେଲା ଦିଦିଙ୍କ ଘରେ ଚାଲିଛି:

## ୧୪ ଲକ୍ଷ ମଞ୍ଜୁର ହୋଇ ପଡିରହିଛି !



ନିମାପଡ଼ା (ଭିଓଭି): ଗ୍ରାମାଞ୍ଚଳ ଶିଶୁମାନଙ୍କ ମଧରେ ଉତ୍ତମ ଖାଦ୍ୟ ଓ ପୁଷ୍ଟିପୋଷଣ ରକ୍ଷା କରିବା ଦିଗରେ କେନ୍ଦ୍ର/ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ବ୍ଲକ୍ ପ୍ରଶାସନ ବେଖାତିର କରୁଥିବା ନେଇ ଅଭିଯୋଗ ହୋଇଛି । ଧନୁଆଁ ଗ୍ରା.ପ.ର ହରିଶପୁର ଏବଂ ଖେଲାର ଗ୍ରାମ ପାଇଁ ଉଦ୍ଦିଷ୍ଟ ୨ଟି ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ୩ ବର୍ଷ ତଳେ ୧୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ବ୍ଲକ୍ କନିଷ୍ଠ ଯନ୍ତ୍ରୀଙ୍କ ନାମେ କାର୍ଯ୍ୟାଦେଶ ଥିବାରୁ କର୍ତ୍ତୃପକ୍ଷ ପ୍ଲିଥ୍ଂ ପର୍ଯ୍ୟନ୍ତ ନିର୍ମାଣ କରି ଗତ ୩ ବର୍ଷ ହେଲା ଆଉ ଦେଖା ନାହାନ୍ତି ବୋଲି ଗ୍ରାମବାସୀଙ୍କ ଠାରୁ ପ୍ରକାଶ । ସେବେଠାରୁ କୋମଳମତି ଶିଶୁମାନେ ଅଙ୍ଗନୱାଡ଼ି ଦିଦିଙ୍କ ଘରେ ପାଠ ପଢ଼ିବା ସହିତ ଖେଳକୁଦ କରୁଥିବା ସୂଚନା ମିଳିଛି । ପରିବାର ଘର ଭିତରେ ଯାହା ପାଠ ପଢ଼ାଉଥିବା ଏବଂ ଖେଳକୁଦ ହେଉଥିବା ତାହା କେବଳ କର୍ମୀଙ୍କୁ ଜଣା ବୋଲି ଗ୍ରାମବାସୀମାନେ ସୂଚନା ଦେଇଛନ୍ତି । ପ୍ରଥମେ ଅଙ୍ଗନୱାଡ଼ି ଗୃହ ନିର୍ମାଣ କରିଥିବା ଠିକାଦାର ପ୍ରଥମ ବିଲ୍ ବ୍ଲକ୍ କାର୍ଯ୍ୟାଳୟରୁ ଉଠାଇ ନେଇଥିବା ବେଳେ କାମ ନ ହେବା ଦ୍ୱାରା ପିଲାମାନଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହୋଇଥିବା କୁହାଯାଇଛି ।

### କଣ୍ଟାପଡାରେ ବିଭିନ୍ନ କିସମର ଭିନ୍ନ ଭିନ୍ନ ଚାଷ

## ଥାଇଲାଣ୍ଡ ଏପଲ ବେରୀ, ମଧୁମେହ ପିଜୁଳି ପରିଚୟ ସୃଷ୍ଟି କରିଛି

ରମ୍ଭା (ଭିଓଭି): ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱ ରମ୍ଭା ଥାନା ଇଲାକା କଣ୍ଟାପଡା ଗ୍ରାମର ଚାଷୀ ଝଡିଆ ନାହାକ ନିଜର ୩ ଏକର ଜମିରେ ବିଭିନ୍ନ କିସମର ଭିନ୍ନ ଭିନ୍ନ ଫଳ ଚାଷ କରିଛନ୍ତି । ଯଥା ଥାଇଲାଣ୍ଡ ଏପଲ ବେରୀ, ମଧୁମେହ ପିଜୁଳି, ମିକସିଙ୍ଗ କାକୁଡି, ମଲଚିଙ୍ଗ କଲରା, ରଙ୍ଗୀନ ଫୁଲକୋବି, କଳା ଜାମୁ, ଲାଉ ଜହ୍ନି ମିଶ୍ରିତ ଚାଷ ଆଣିଛି ସମ୍ମାନ କିନ୍ତୁ ଅମଳ ଉତ୍ପାଦ ସୁରକ୍ଷିତ ରଖିବା, ଶୀତଳ ଭଣ୍ଡାର ନ ଥିବା ଓ ବଜାର ସୃଷ୍ଟି ପାଇଁ ଉପାୟ ହୋଇ ନ ଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି । ଦିନରାତି ଏକାକାର କରି ସପରିବାର ଏକର ଏକର ଜମିରେ ନିଜ ଶ୍ରମ କରୁଥିଲେ ମଧ ପ୍ରଶାସନ ଓ ଉଦ୍ୟାନ ବିଭାଗ ଅଫିସରଙ୍କ ଅଣଦେଖା ପାରମ୍ପରିକ ଚାଷ ଓ ନିଜ ଜୀବିକା ନିର୍ବାହ ପ୍ରତି ବିମୁଖ ହୋଇ ଦାଦନ ଖଟିବା ପାଇଁ ପ୍ରସ୍ତୁତି ଚଳାଇଥିବା ଜଣାଇଛନ୍ତି । କ୍ଷେତରେ ଏକାଧିକ ଫସଲ ସମ୍ଭାର ଟମାଟ, ଡିଜିଟାଲ କଖାରୁ, ଗାଜର ଭଳି ଅନେକ ପ୍ରକାର ଚାଷ ହେଉଥିବା ବେଳେ ନୂଆଁ ପରିଚୟ ସହ ଉତ୍ତମ ରୋଜଗାର କୋଷେ ଗଲେ ପୋଷେ ଆଣିବା ରୋଜଗାର ଦେଖାଇଛି ସିନା ଦୁଆର



ମୁହଁରୁ ବଣିଜ ବେପାର ହୋଇପାରୁନଥିବା ଥରେ ଥରେ କ୍ଷେତରେ ଅମଳ ହୋଇ ବଗ ଖାଇବା ସହ ପଚିଶଢ଼ି ନଷ୍ଟ ହେଉଥିବା ଲକ୍ଷ୍ୟ କରାଯାଇଛି । ଏହା ସହିତ କୁହୁଡିର କ୍ଷତି ହେଉଥିବା ବେଳେ ଚାଷ ସାଧାରଣତ ଥଣ୍ଡା ଜଳବାୟୁରେ ଭଲ ହେଉଥିବା କୁହାଯାଉଛି । ଜଳସେଚନ ବ୍ୟବସ୍ଥା ସହିତ ହେକ୍ଟର ହେକ୍ଟର ଜମିରେ ତାର ଜାଲି ବାଡ଼, ପଲିଥିନ ଆଚ୍ଛାଦାନ ବ୍ୟବସ୍ଥା ଓ ସଂପୂର୍ଣ ଜୈବିକ ସାରରେ କୀଟନାଶକ ମୁକ୍ତ ଫଳ ଅମଳ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ନିଜର ଉଦ୍ୟମ ଜାରି ରଖିଥିବା ଯୋଗୁଁ ସଫଳ ଚାଷୀ ଓ ପ୍ରଶିକ୍ଷଣ ମୁକ୍ତ ଶ୍ରମିକ ଅସ୍ୱୀକାର କରାଯାଇ ନ ପାରେ। ଚଳିତ ବର୍ଷ ନିଜର ଥାଇଲାଣ୍ଡ ଏପଲ ବେରୀ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରିଥିଲେ ମଧ ଅନ୍ୟାନ୍ୟ ଆନୁଷଙ୍ଗିକ ଜମି ପାଇଁ ସହଯୋଗ ମିଳିଲେ ଚାଷୀ ଅଧିକା ଲାଭବାନ ହୋଇପାରିବ ବୋଲି ଜଣାପଡିଛି । ବିକ୍ରିବଟା ପାଇଁ ପ୍ରଶାସନର ଉଦାସୀନତା ଓ ଉଦ୍ୟାନ ବିଭାଗର ନିଷ୍କ୍ରିୟତା ଅଧିକ ଅମଳ ପାଇଁ ପଦକ୍ଷେପ ନିଆ ଯାଉନଥିବା ସୂଚନା ମିଳିଛି ।

ଭାଗ-୧ । ସଂଖ୍ୟା-୧୮ । ଭୁବନେଶ୍ୱର । ୧୮ ରୁ ୨୪ ମାର୍ଚ୍ଚ ୨୦୨୪
Vol-1 | Issue-18 | Bhubaneswar | 18 to 24 March 2024

# ବାପାଙ୍କ ଗଡ଼ ଜଗିଛନ୍ତି ପୁଅ; ପାଇବେ କି ଟିକେଟ ?



ଭୁବନେଶ୍ୱର (ଭିଓଭି): ନିର୍ବାଚନ ବିଗୁଲ ବାଜିବା ସହ ସରଗରମ ହୋଇଉଠିଛି ରାଜ୍ୟ ରାଜନୀତି। ଆଉ ଏଥର ରାଜନୀତି ମୈଦାନରେ ନୂଆ ଜେନେରେସନ୍। ବାପାଙ୍କ ଗଡ଼ ଜଗିବା ସହ ନିର୍ବାଚନ ମଣ୍ଡଳୀର ମଙ୍ଗ ଧରିବାକୁ ପ୍ରସ୍ତୁତ ପୁଅ। ତେବେ ଏଠି ପ୍ରଶ୍ନ ଉଠୁଛି, ନୂଆ ପିଢ଼ିଙ୍କୁ କେତେ ଗ୍ରହଣ କରିବେ ଜନତା ? ବାପାଙ୍କ ପତିଆରା ବଜାୟ ରଖିବାକୁ ସକ୍ଷମ ହେବେ ତ ପୁଅମାନେ ?

ବାପାଙ୍କ ସ୍ଥାନରେ ନିଜର ରାଜନୈତିକ ଭାଗ୍ୟ ପରୀକ୍ଷା କରିବାକୁ ଆଗଭର ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର। ଶଙ୍ଖ ଧରିବା ସହ ପାଟକୁରା ଟିକେଟ୍ ଲବି ରେସରେ ବେଶ୍ ଆଗରେ ଥିବା ଅରବିନ୍ଦ ଘନ ଘନ କ୍ୟାମ୍ପେନିଂ ଆରମ୍ଭ କରିଦେଲେଣି। ସୋମବାର ନବୀନ ନିବାସରେ ବସିଥିବା କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ବୈଠକରେ ମଧ୍ୟ ସାମିଲ ହୋଇଥିଲେ ଅରବିନ୍ଦ। କୁହାଯାଉଛି, ପାଟକୁରାରୁ ଅରବିନ୍ଦଙ୍କ ଟିକେଟ୍ ପକ୍କା। ତେବେ ବିଜେଡି ବିଦ୍ରୋହୀ ଭାବେ ବର୍ଷ ବର୍ଷ ଧରି ବାପାଙ୍କ ସହ ଥିବା ଶତାଧିକ କର୍ମୀ ଅରବିନ୍ଦଙ୍କୁ କେତେ ଗ୍ରହଣ କରିବେ ତାକୁ ନେଇ ପ୍ରଶ୍ନ।

ସେପଟେ ପୁରୀ ଜଗିଛନ୍ତି ପୂର୍ବତନ ବାଚସ୍ପତି ତଥା ପାଞ୍ଚ ପାଞ୍ଚ ଥରର ବିଧାୟକ ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପୁଅ ସୁନୀଲ ମହାନ୍ତି। ଗତଥର ବିଜେପି ଏହି ସିଟ୍ ଛଡ଼ାଇ ନେବା ପରେ ବାପାଙ୍କ ପାରମ୍ପରିକ ଆସନକୁ ବିଜେଡିକୁ ଫେରାଇ ଆଣିବାକୁ ଲାଗି ପଡ଼ିଛନ୍ତି ସୁନୀଲ। ଗତକାଲି ପୁରୀ ସଂସଦୀୟ କ୍ଷେତ୍ରର ବିଧାୟକ ଓ ପର୍ଯ୍ୟବେକ୍ଷକଙ୍କୁ ନେଇ ନବୀନ ନିବାସରେ ବସିଥିବା ବୈଠକରେ ସୁନୀଲଙ୍କୁ ଦେଖିବାକୁ ମିଳିଥିଲା। ପୁରୀରେ ତାଙ୍କୁ ଟିକେଟ୍ ମିଳିବ ବୋଲି ଚର୍ଚ୍ଚା ହେଉଥିବା ବେଳେ ସୁନୀଲ କିନ୍ତୁ ନିରବ।

ସାତ ଥରର ବିଧାୟକ ତଥା ଜନତା ଦଳରୁ ବିଜୁ ଜନତା ଦଳ ପର୍ଯ୍ୟନ୍ତ ଲଗାତାର ମନ୍ତ୍ରୀ ଏବଂ ବାଚସ୍ପତି ହୋଇଥିବା ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦେହାନ୍ତ ପରେ ଏବେ ସେଠି ମଙ୍ଗ ଧରିଛନ୍ତି ପୁଅ ବିପ୍ଳବ ପାତ୍ର। ବାପାଙ୍କ ଗଡ଼ ସମ୍ଭାଳିବାକୁ ଅଣ୍ଟା ଭିଡ଼ିଛନ୍ତି ପୁଅ। ବେଶ୍ କିଛି ଦିନ ହେଲା ନିର୍ବାଚନ ମଣ୍ଡଳୀରେ ଲୋକସଂପର୍କ ଓ ପ୍ରଚାର ଜାରି ରଖିଛନ୍ତି। ଦିଗପହଣ୍ଡିରୁ ଏଥର ବିପ୍ଳବଙ୍କୁ ବିଜେଡି ଟିକେଟ୍ ଦେବା ସମ୍ଭାବନା ରହିଛି।

ସେହିପରି ଚିକିଟି ଆସନରୁ ଟିକେଟ ଦାବିଦାର ପୂର୍ବତନ ମନ୍ତ୍ରୀ ଉଷା ଦେବୀଙ୍କ ପୁଅ ଶ୍ରୀରୂପ ଦେବ। ସ୍ୱାସ୍ଥ୍ୟଗତ କାରଣରୁ ମାଆଙ୍କ ବଦଳରେ ଏଥର ପୁଅ ନିର୍ବାଚନ ଲଢିବାକୁ ଆଗ୍ରହୀ। ବିଜେଡି ଟିକେଟ୍ ମଧ୍ୟ ଫାଇନାଲ ହୋଇସାରିଥିବା କୁହାଯାଉଛି।

ସେହିପରି ବାଲେଶ୍ୱର ବସ୍ତା ଆସନରେ ୧୦ ବର୍ଷ ଧରି ବିଧାୟକ ଥିବା ନିତ୍ୟାନନ୍ଦ ସାହୁଙ୍କ ପୁଅ ଅଞ୍ଜନ ସାହୁ, ଭୋଗରାଇରେ ବରିଷ୍ଠ ବିଧାୟକ ଅନନ୍ତ ଦାସଙ୍କ ପୁଅ ଅଭିଜିତ ଦାସ ବାପାଙ୍କ ଗଡ ସମ୍ଭାଳିବେ ବୋଲି ଚର୍ଚ୍ଚା ଜୋର ଧରିଛି। ଜଳେଶ୍ୱରରେ ବିଜେପିର ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ପୁଅ ଦିବ୍ୟକାମ ମହାନ୍ତି ମଧ୍ୟ ପଦ୍ମ ଟିକଟରୁ ଲଢ଼ିବାକୁ ଆଶା ରଖିଛନ୍ତି। ବାପାଙ୍କ ଫିଲ୍ଡରେ ପୁଅ ପ୍ଲେୟାର ସାଜିବା ନୂଆ ନୁହେଁ। ସବୁ ଦଳରେ ଜାରି ରହିଛି ଏହି ପରମ୍ପରା। ତେବେ ବାପାଙ୍କ ପତିଆରା ବଜାୟ ରଖିବାକୁ ସକ୍ଷମ ହେବେ ତ ପୁଅ ? ରାଜନୀତିରେ ଅନଭିଜ୍ଞ ଯୁବ ନେତାଙ୍କୁ ଗ୍ରହଣ କରିବେ ତ ଜନତା ? ବାପାଙ୍କ ବଦଳରେ ପୁଅ, ବର୍ଷ ବର୍ଷ ଧରି ସଂଗଠନ ପାଇଁ କାମ କରୁଥିବା କର୍ମୀଙ୍କ ବଦଳରେ ପାରିବାରିକବାଦକୁ ଟିକେଟ୍ ବୁମେରାଂ ସାଜିବନି ତ ? ନିଜ ଦାୟାଦଙ୍କୁ ପ୍ରମୋଟ କରି କେତେ ଲାଭ ପାଇବ ବିଜେଡି ?

### ସାମ୍ବାଦିକମାନଙ୍କୁ ପେନସନ

## ୧୮ବର୍ଷ ପୂର୍ବରୁ ତତ୍ପରତା ଦେଖାଇଥିଲେ, ଏବେ ତାଲିକା ଧରି ଶୋଇ ପଡ଼ିଛନ୍ତି

ଭୁବନେଶ୍ୱର (ଭିଓଭି): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନବୀନ ପଟ୍ଟନାୟକ ସରକାର ସବୁ ବର୍ଗକୁ ତୁଷ୍ଟ କଲା ଭଳି ୪ ଡଜନରୁ ଅଧିକ ନୂଆ ଘୋଷଣା କରିଛନ୍ତି। କାହାର ଦରମା ତ କାହାର ଭତ୍ତା ବଢ଼ାଇଲେ, ଆଉ ପୁଣି କାହାକୁ ଖୁସି କରିବାକୁ ନୂଆ ଯୋଜନା ଓ କାର୍ଯ୍ୟକ୍ରମ ଘୋଷଣା କଲେ। ରାଜକୋଷ ଉପରେ ଆଖି ଖୋସି ହେଲା ଭଳି ଆର୍ଥିକ ଚାପ ବି ପଡ଼ିଲା। କିନ୍ତୁ ମୌଳିକ ସୁବିଧାସୁଯୋଗ ଓ ହକରୁ ବଂଚିତ ଥିବା ରାଜ୍ୟର ଗଣମାଧ୍ୟମ ପ୍ରତିନିଧିମାନଙ୍କ ପାଇଁ ନବୀନ ସରକାର ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛନ୍ତି। ଏପରିକି ସାମ୍ବାଦିକମାନଙ୍କୁ ପେନସନ୍ ଦେବା ପାଇଁ ଗତ ୧୮ବର୍ଷ ତଳେ ସରକାରୀସ୍ତରରେ ଯେଉଁ ତତ୍ପରତା ଦେଖାଇଥିଲେ ତାକୁ ବି ନଥିତଳେ ଚାପି ରଖିବାକୁ ପଛାଇ ନାହାନ୍ତି। ସରକାରଙ୍କ ଏଭଳି ବେପରୁଆ ଓ ପକ୍ଷପାତ ଆଭିମୁଖ୍ୟ ଯୋଗୁ ସାମ୍ବାଦିକତା ଭଳି ପେଷା ଏବେ ରାଜ୍ୟରେ ନିଜର ଅସ୍ତିତ୍ୱ ସଙ୍କଟ ଦେଇ ଗତି କରିବାକୁ ବାଧ୍ୟ ହେଉଛି। ଆଉ ସାମ୍ବାଦିକତାକୁ ପେଷା କରୁଥିବା ଯୁବକଯୁବତୀମାନଙ୍କ ଭବିଷ୍ୟତ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।




ସୂଚନା ଅନୁସାରେ, ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନେ ଦୀର୍ଘବର୍ଷ ଧରି ନିଜର ସାମାଜିକ ସୁରକ୍ଷା ପାଇଁ ସରକାରଙ୍କ ନିକଟରେ ଦାବି କରି ଆସୁଛନ୍ତି। ପ୍ରତିକୂଳ ପରିସ୍ଥିତିରେ ଦିନରାତି ପରିଶ୍ରମ କରୁଥିବା ସାମ୍ବାଦିକମାନେ ନିଜ ତଥା ପରିବାରର ନିରାପତ୍ତା ଓ ମୌଳିକ ଆବଶ୍ୟକତା ପୂରଣ ପାଇଁ ସରକାରୀ ସ୍ୱୀକୃତି ସହ ଅବସରକାଳୀନ ପେନସନ୍ ଦାବି କରିଆସୁଛନ୍ତି। ମାତ୍ର କାର୍ଯ୍ୟରତ ସାମ୍ବାଦିକଙ୍କୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ହେୟଜ୍ଞାନ ମନେ କରିଛନ୍ତି। ଯେଉଁଥିପାଇଁ ଦୀର୍ଘ ୧୮ବର୍ଷ ତଳେ ଅର୍ଥାତ୍ ୨୦୦୬ ମସିହାରେ ସାମ୍ବାଦିକମାନଙ୍କୁ ପେନସନ୍ ଦେବା ନିମନ୍ତେ ରାଜ୍ୟ ସରକାରଙ୍କସ୍ତରରେ ଯେଉଁ ତତ୍ପରତା ପ୍ରକାଶ ପାଇଥିଲା ତାହା ଏତେବର୍ଷ ପରେ ବି ବାସ୍ତବ ରୂପ ନେଇପାରିନି।

ନବୀନ ପଟ୍ଟନାୟକ ସରକାରଙ୍କ ଦ୍ୱିତୀୟ ପାଳିରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପେନସନ୍ ପ୍ରଦାନ ନିମନ୍ତେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଏଥିପାଇଁ ତତକାଳୀନ ବିଭାଗୀୟ ସଚିବ ୨୦୦୬ ଜାନୁୟାରୀ ୧୭, ୨୦୦୬ ଫେବୃୟାରୀ ୨୫ ଓ ୨୦୦୬ ଏପ୍ରିଲ ୨୯ତାରିଖରେ ସମସ୍ତ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମର ସମ୍ପାଦକମାନଙ୍କୁ ଚିଠି ଲେଖି କାର୍ଯ୍ୟରତ ସାମ୍ବାଦିକମାନଙ୍କ ତାଲିକା ମାଗିଥିଲେ। ରାଜ୍ୟ ସରକାର କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ପେନସନ୍ ଯୋଜନା (ପାରସ୍ପରିକ ଭାଗିଦାରୀ) ଲାଗୁ କରିବାକୁ ଇଚ୍ଛୁକ ଥିବାରୁ ୧୫ଦିନ ମଧ୍ୟରେ ନିଜ ନିଜ ସଂସ୍ଥାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ତାଲିକା ଦେବାକୁ କହିଥିଲେ।

ତେବେ ଏହି ତାଲିକା ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମର ମାଲିକମାନେ ସେତେବେଳେ ଦେଲେ କି ନାହିଁ ତାହା ଜଣାପଡ଼ିନି। ମାତ୍ର ସରକାର ଯେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ପେନସନ୍ ଯୋଜନା ଲାଗୁ କରିବାକୁ ଚାହାଁନ୍ତି ତା'ର ସନ୍ଦେଶ ଦେଇଥିଲେ। କିନ୍ତୁ ଦୀର୍ଘବର୍ଷ ବିତିଯିବା ପରେ ମଧ୍ୟ ଏହି ପେନସନ ଯୋଜନାକୁ କାହିଁକି ଲାଗୁ କଲେନି ତାହା ବୁଝାପଡୁନି। ସାମ୍ବାଦିକମାନଙ୍କ ପ୍ରତି ସରକାରଙ୍କ ଅସୂୟା ମନୋଭାବ ଓ ସଂସ୍ଥାର ମାଲିକମାନଙ୍କ ଉପରେ ଚାପ ପକାଇ ନିଜ ମୁତାବକ କାର୍ଯ୍ୟ କରାଇ ନେବାର ଆଭିମୁଖ୍ୟ ଯୋଗୁ ସାମ୍ବାଦିକମାନଙ୍କ ସାମାଜିକ ସୁରକ୍ଷା ଓ ଭବିଷ୍ୟତ ବିପନ୍ନ ହୋଇପଡ଼ିଛି।

ଗୋଟିଏପଟେ ରାଜ୍ୟ ସରକାରଙ୍କ ପାଖରେ ବିଭିନ୍ନ ଗଣମାଧ୍ୟମ ସଂସ୍ଥାରେ କାର୍ଯ୍ୟରତ ପ୍ରାୟ ୮ହଜାର ସାମ୍ବାଦିକମାନଙ୍କ ତାଲିକା ରହିଛି। ଯେଉଁମାନଙ୍କୁ ରାଜ୍ୟ ସରକାର ନିଜସ୍ୱ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ କରିଛନ୍ତି। ଏହି ସାମ୍ବାଦିକମାନଙ୍କ ପାଇଁ ସରକାର ଚାହିଁଲେ ପେନସନ୍ ଯୋଜନା କାର୍ଯ୍ୟକାରୀ କରିପାରନ୍ତେ। କୌଣସି ସାମ୍ବାଦିକ ୬୦ବର୍ଷ ବୟସ ଅତିକ୍ରମ କଲେ ତାଙ୍କୁ ସରକାର ପେନସନ୍ ସୁବିଧା ଦେଇପାରନ୍ତେ। ଯଦି ୨୦୦୬ ମସିହାରେ ସରକାର ଏଭଳି ଆନ୍ତରିକତା ଦେଖାଉଥିଲେ ତା'ହେଲେ ଏବେ ସେହି ସାମ୍ବାଦିକମାନଙ୍କ ତାଲିକା ଆଧାରରେ ପେନସନ୍ ଯୋଜନା କାର୍ଯ୍ୟକାରୀ କରିବାରେ ଅସୁବିଧା ରହିଲା କେଉଁଠି ? ଏପରିକି ନିକଟରେ ବିଭିନ୍ନ ସାମ୍ବାଦିକ ସଂଗଠନ ଏନେଇ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ତାହା ସରକାରଙ୍କୁ ପ୍ରଭାବିତ କରିପାରିନଥିଲା।

ପଡ଼ୋଶୀ ରାଜ୍ୟଗୁଡ଼ିକରେ ସାମ୍ବାଦିକମାନଙ୍କୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ବିବେଚନା କରି ମୋଟା ଅଙ୍କର ଅବସରକାଳୀନ ପେନସନ ଓ ବିଭିନ୍ନ ପ୍ରକାରର ସୁବିଧାସୁଯୋଗ ଯୋଗାଇ ଦେଉଛନ୍ତି। କିନ୍ତୁ ଓଡ଼ିଶାର ସାମ୍ବାଦିକଙ୍କ ପାଇଁ ପେନସନ ଯୋଜନା ଭଳି ନିଜସ୍ୱ ନିଷ୍ପତ୍ତିକୁ ନବୀନ ପଟ୍ଟନାୟକ ସରକାର ୧୮ବର୍ଷ ଧରି ଝୁଲାଇ ରଖିଛନ୍ତି।

## ଇସ୍ତଫା ଦେଲେ ହେମନ୍ତ ସୋରେନ୍‌ଙ୍କ ଭାଉଜ, ଆଣିଲେ ଷଡ଼ଯନ୍ତ୍ର ଅଭିଯୋଗ

**ନୂଆଦିଲ୍ଲୀ:** ଲୋକସଭା ନିର୍ବାଚନ ପୂର୍ବରୁ ଝଟ୍‌କା। ଇସ୍ତଫା ଦେଲେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ବିଧାୟିକା ତଥା ହେମନ୍ତ ସୋରେନଙ୍କ ଭେଉଜ ସୀତା ସୋରେନ। ଏନେଇ ସେ ଚିଠି ଲେଖି ଦଳର ଅଧ୍ୟକ୍ଷ ତଥା ନିଜ ଶ୍ୱଶୁର ଶିବୁ ସୋରେନଙ୍କୁ ପଠାଇଛନ୍ତି। ତାଙ୍କ ଓ ତାଙ୍କ ପରିବାର ବିରୋଧରେ ଗଭୀର ଷଡ଼ଯନ୍ତ୍ର ରଚା ଯାଇଥିବା ସେ ଅଭିଯୋଗ ଆଣିଛନ୍ତି। ସୀତା ସୋରେନ କହିଛନ୍ତି, ମୁଁ କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଏବଂ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ସକ୍ରିୟ ସଦସ୍ୟ।



ବର୍ତ୍ତମାନ ମୁଁ ଦଳର ବିଧାୟକ ଅଛି। ଅତ୍ୟନ୍ତ ଦୁଃଖ ମନରେ ମୁଁ ମୋର ଇସ୍ତଫା ପତ୍ର ଦାଖଲ କରୁଛି। ମୋର ସ୍ୱାମୀ ସ୍ୱର୍ଗତ ଦୁର୍ଗା ସୋରେନ୍ ଝାଡଖଣ୍ଡ ଆନ୍ଦୋଳନର ଜଣେ ଅଗ୍ରଣୀ ଯୋଦ୍ଧା ତଥା ଜଣେ ମହାନ ବିପ୍ଳବୀ ଥିଲେ। ତାଙ୍କ ମୃତ୍ୟୁ ପରଠାରୁ ମୁଁ ଏବଂ ମୋ ପରିବାର କ୍ରମାଗତ ଅବହେଳାର ଶିକାର ହୋଇଛୁ। ଦଳ ଏବଂ ପରିବାର ସଦସ୍ୟଙ୍କ ଦ୍ୱାରା ଆମକୁ ଅଲଗା କରାଯାଇଛି, ଯାହା ମୋ ପାଇଁ ଅତ୍ୟନ୍ତ କଷ୍ଟଦାୟକ। ସେ ଆହୁରି କହିଛନ୍ତି, 'ମୁଁ ଆଶା କରିଥିଲି ସମୟ ସହିତ ଅବସ୍ଥା ସୁଧୁରିବ। କିନ୍ତୁ ଦୁର୍ଭାଗ୍ୟବଶତଃ ଏହା ଘଟିଲା ନାହିଁ। ଦଳ ବର୍ତ୍ତମାନ ସେହି ଲୋକଙ୍କ ହାତକୁ ଚାଲିଯାଇଛି, ଯାହାର ଦୃଷ୍ଟିକୋଣ ଏବଂ ଉଦ୍ଦେଶ୍ୟ ଆମର ମୂଲ୍ୟବୋଧ ଏବଂ ଆଦର୍ଶ ସହିତ ମେଳ ଖାଉ ନାହିଁ। ଏହା ଦେଖି ମୁଁ ଅତ୍ୟନ୍ତ ଦୁଃଖିତ। ଏଥିପାଇଁ ମୁଁ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ତଥା ଜେଏମ୍ଏମ୍‌କୁ ଛାଡିବା ପାଇଁ ନିଷ୍ପତ୍ତି ନେଇଛି।'

## ବିଜେପି-ଶିବସେନା ମେଣ୍ଟରେ ସାମିଲ ହେବେ ରାଜ ଠାକରେ !

**ନୂଆଦିଲ୍ଲୀ:** ଲୋକସଭା ନିର୍ବାଚନ ପୂର୍ବରୁ ମହାରାଷ୍ଟ୍ର ନବନିର୍ମାଣ ସେନାର ମୁଖ୍ୟ ରାଜ ଠାକରେ ବିଜେପି-ଶିବସେନା (ଏକନାଥ ସିନ୍ଦେ ଗୋଷ୍ଠୀ) ମେଣ୍ଟରେ ସାମିଲ ହୋଇପାରନ୍ତି। ମେଣ୍ଟରେ ସାମିଲ ହେବାକୁ ଗୋଡ଼ ଟେକି ବସିଥିବା ରାଜ ଠାକରେ ବର୍ତ୍ତମାନ ଦିଲ୍ଲୀରେ ପହଞ୍ଚିଛନ୍ତି। ପୂର୍ବରୁ ସେଠାରେ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ରାଜ୍ୟ ବିଜେପି ସଭାପତି ଚନ୍ଦ୍ରଶେଖର ବାୱାନକୁଲେ ଉପସ୍ଥିତ ରହିଛନ୍ତି।



ମେଣ୍ଟରେ ସାମିଲ ହେବା ପରେ ରାଜ ଠାକେରଙ୍କ ଦଳ ୨ଟି ଲୋକସଭା ଆସନ ମାଗିବ। ଦକ୍ଷିଣ ମୁମ୍ବାଇ ଓ ଶିରଡି ଆସନରେ ପ୍ରାର୍ଥୀ ଦେବାକୁ ରାଜ ଠାକରେଙ୍କ ଦଳ ଚାହୁଁଛି। ରାଜ ଠାକରେ ହେଉଛନ୍ତି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ସମ୍ପର୍କୀୟ ଭାଇ। ବର୍ତ୍ତମାନ ଉଦ୍ଧବ ଠାକରେ ବିରୋଧୀ ଦଳ ଭାବେ ମହାରାଷ୍ଟ୍ରରେ କାମ କରୁଛନ୍ତି। ଶିବସେନାର ପ୍ରତିଷ୍ଠାତା ତଥା ଉଦ୍ଧବଙ୍କ ବାପା ବାଲ ଠାକରେଙ୍କ ପୁତୁରା ଭାବେ ରାଜ ଠାକରେ ପରିଚିତ। ଉଦ୍ଧବ ଠାକରେ କଂଗ୍ରେସ ଓ ଏନସିପି ସହ ମିଶି ବିଜେପି ଏବଂ ସିନ୍ଧେ ଗୋଷ୍ଠୀଙ୍କୁ ହରାଇବାକୁ ଚାହୁଁଛନ୍ତି। ହେଲେ ଏବେ ରାଜ ଠାକରେ ବିଜେପି ଓ ଶିବସେନା ସହ ମେଣ୍ଟ କରିବାକୁ ଚାହୁଁଛନ୍ତି। ଏପରି ସ୍ଥିତିରେ ମହାରାଷ୍ଟ୍ର ରାଜନୀତି ସରଗରମ ହୋଇ ଉଠିଛି।

# ଗୋଟିଏ ସହରର ୬୬ କମ୍ପାନୀ କିଣିଛନ୍ତି ୧୩୪୪ କୋଟିର ନିର୍ବାଚନୀ ବଣ୍ଡ

**ନୂଆଦିଲ୍ଲୀ:** ଅସାମ୍ବିଧାନିକ ବିବେଚିତ ନିର୍ବାଚନୀ ବଣ୍ଡକୁ ନେଇ ଆଉ ଗୋଟିଏ ବଡ଼ ଖବର ସାମ୍ନାକୁ ଆସିଛି । ମୁମ୍ବାଇ ଓ ଏହାର ଉପକଣ୍ଠରେ ପଞ୍ଜୀକରଣ ହୋଇଥିବା ୬୬ଟି କମ୍ପାନୀ ମିଳିତ ଭାବେ ୧୩୪୪ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ କିଣିଛନ୍ତି । ୨୦୧୯ରୁ ସେମାନେ ଏପରି ବଣ୍ଡ କିଣିଥିବା ବେଳେ ବିଭିନ୍ନ ରାଜନୀତିକ ଦଳକୁ ଚାନ୍ଦା ଆକାରରେ ଏହା ଦେଇଛନ୍ତି । ଏହା ମୋଟ ନିର୍ବାଚନୀ ବଣ୍ଡର ୧୧% ।

କମ୍ପାନୀ ଗୁଡ଼ିକ କିଣିଥିବା ବଣ୍ଡର ପରିମାଣର ୨ ଲକ୍ଷରୁ ୪୧୦ କୋଟି ଟଙ୍କା ମଧ୍ୟରେ ରହିଛି । ବିଭିନ୍ନ ବିଲ୍ଡର୍ସ ସଂସ୍ଥା, ଫାର୍ମା କମ୍ପାନୀ, ପାଥ ଲ୍ୟାବ, ଡାଇମଣ୍ଡ କମ୍ପାନୀ, ନିବେଶ ଓ ଟ୍ରେଡିଂ ଫାର୍ମ ଏବଂ ଟେକ୍ନୋଲୋଜି କମ୍ପାନୀ




ନିର୍ବାଚନୀ ବଣ୍ଡ କିଣିଛନ୍ତି । ଚାନ୍ଦା ଦେଇଥିବା କମ୍ପାନୀ ଗୁଡ଼ିକ ମୁମ୍ବାଇ, ଥାନେ ଓ ନଭି ମୁମ୍ବାଇରେ ପଞ୍ଜିକୃତ ହୋଇଛନ୍ତି ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ନିର୍ବାଚନ କମିଶନଙ୍କୁ ଦେଇଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ ଛୋଟ ଛୋଟ ବ୍ୟବସାୟିକ ସଂସ୍ଥା ମଧ୍ୟ ନିର୍ବାଚନୀ ବଣ୍ଡ କିଣିଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ସଂସ୍ଥା ୨୦୧୯ ଓ ଗୋଟିଏ ଦିନରେ ହିଁ ବଣ୍ଡ କିଣିଛନ୍ତି ।

କ୍ୱିକ୍ ସପ୍ଲାଏ ଚେନ ପ୍ରାଇଭେଟ ଲିଃ ସର୍ବାଧିକ ୪୧୦ କୋଟି ଟଙ୍କାର ଚାନ୍ଦା ଦେଇଥିବା ବେଳେ ବେଦାନ୍ତ ଲିଃ ୪୦୦ କୋଟି, ପିରାମଲ ଗ୍ରୁପ ୪୮ କୋଟି, ସିପଲା ୩୯.୨୦ କୋଟି, ସ୍ୱାଲ କ୍ରପ ଲିଃ ୩୫ କୋଟି, ଏଲ୭ ହାଇଟେକ ପ୍ରାଇଭେଟ ଲିଃ ୨୨ କୋଟି, କେ ରାହେଜ ୨୧ କୋଟି, ବିକେସି ପ୍ରପୋଟିଜ ୨୦ କୋଟି ଟଙ୍କା ଦେଇଛି ।

ମହାରାଷ୍ଟ୍ରର ଅନ୍ୟ ଜିଲ୍ଲା ପୁଣେ, ନାଶିକ ଓ କୋଲହାପୁରରେ ଥିବା ସଂସ୍ଥା ମଧ୍ୟ ୨୧୮ କୋଟି ଟଙ୍କାର ନିର୍ବାଚନୀ ବଣ୍ଡ କିଣିଛନ୍ତି । ଏହାକୁ ମିଶାଇ ରାଜ୍ୟରେ ଚାନ୍ଦା ଦେଇଥିବା ସଂସ୍ଥା ସଂଖ୍ୟା ୭୬ରେ ପହଞ୍ଚିଛି ।

ନିର୍ବାଚନୀ ବଣ୍ଡରେ ମହାରାଷ୍ଟ୍ରର ଭାଗ ମୋଟ ୧୫୬୨ କୋଟି ଟଙ୍କା ରହିଛି । ଏହା ମୋଟ ୧୨,୧୫୬ କୋଟି ନିର୍ବାଚନୀ ବଣ୍ଡର ୧୩% । ଚାନ୍ଦା ଦେଇଥିବା ମୁମ୍ବାଇର କିଛି ବ୍ୟକ୍ତିବଶେଷ ଓ ଠିକଣା ନଥିବା କମ୍ପାନୀ କିଣିଥିବା ନିର୍ବାଚନୀ ବଣ୍ଡର ତଥ୍ୟକୁ ଏଥିରେ ସାମିଲ କରାଯାଇ ନାହିଁ ।

# ସିଏଏ ଉପରେ ସ୍ଥଗିତାଦେଶ ଜାରି କଲେନି, କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମ କୋର୍ଟ

**ନୂଆଦିଲ୍ଲୀ:** ନାଗରିକତା ସଂଶୋଧନ ଆଇନ ବା ସିଏଏ କାର୍ଯ୍ୟକାରିତା ଉପରେ ଲାଗିବନି ରୋକ୍ । ସର୍ବୋଚ୍ଚ ଅଦାଲତ ଶୁଣାଣି କରି ସିଏଏ ସ୍ଥଗିତ ରଖିବାକୁ ହୋଇଥିବା ଆବେଦନକୁ ଖାରଜ କରି ଦେଇଛନ୍ତି । ତଥାପି, ସୁପ୍ରିମକୋର୍ଟ ଏନେଇ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି । ୨୩୭ଟି ଆବେଦନ ଉପରେ ଜବାବ ଦେବାକୁ କୋର୍ଟ ସରକାରଙ୍କୁ ତିନି ସପ୍ତାହ ସମୟ ଦେଇଛନ୍ତି ।

ଚଳିତ ବର୍ଷ ମାର୍ଚ୍ଚ ୧୧ରେ କେନ୍ଦ୍ର ସରକାର ସିଏଏ ଲାଗୁ କରାଯିବା ନେଇ ଘୋଷଣା କରିଥିଲେ । ଏହି ଆଇନ ଅନୁସାରେ, ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧାର୍ମିକ ନିର୍ଯାତନାର ଶିକାର ହୋଇ ଭାରତରେ ଶରଣାର୍ଥୀ ଜୀବନ କାଟୁଥିବା ବ୍ୟକ୍ତିଙ୍କୁ ଭାରତର ନାଗରିକତା ମିଳିବ । ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଭାରତରେ ଥିବା ମୁସଲିମଙ୍କୁ ଛାଡ଼ି ଅନ୍ୟ ଦେଶର ନାଗରିକଙ୍କୁ ସରକାର ନାଗରିକତା ପ୍ରଦାନ କରିବେ ।

ସେହିପରି ଗତବର୍ଷ ଭାରତରେ ରହୁଥିବା ଶରଣାର୍ଥୀ ଓ ଗତ ୧୪ ବର୍ଷ ମଧ୍ୟରେ ୫ ବର୍ଷ ଭାରତରେ ଜୀବନ କାଟିଥିବା ଲୋକଙ୍କୁ ମଧ୍ୟ ନାଗରିକତା ଦିଆଯିବ । ଏଥିରେ ଆସାମ, ମେଘାଳୟ, ମିଜୋରାମ ଓ ତ୍ରିପୁରାର ଆଦିବାସୀ ଅଞ୍ଚଳକୁ ବାଦ ଦିଆଯାଇଛି । ଆଇନରେ ନିର୍ଦ୍ଦିଷ୍ଟ କିଛି ଧର୍ମ ଏବଂ ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ଭାରତର ନାଗରିକତା ପାଇଁ ଅନୁମତି ମିଳିନଥିବାରୁ କେତେକ ରାଜନୈତିକ ଏବଂ ଅଣରାଜନୈତିକ ସଂଗଠନ ଏହାକୁ ବିରୋଧ କରିଥିଲେ ।

ଆଇନ କାର୍ଯ୍ୟକାରୀ ନେଇ ସରକାର ଘୋଷଣା କରିବା ପରେ କେତକ ବିରୋଧୀ ଦଳ ସିଏଏକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ




କରିଥିଲେ । ସିଏଏ ସମ୍ବିଧାନର ବିରୋଧୀ ଏବଂ ଧର୍ମ ଆଧାରରେ ଭେଦଭାବ ସୃଷ୍ଟି କରୁଛି ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ । ଆବେଦନକାରୀଙ୍କ ମଧ୍ୟରେ ଇଣ୍ଡିଆନ୍ ୟୁନିଅନ୍ ମୁସଲିମ୍ ଲିଗ୍ (କେରଳ ଭିତ୍ତିକ ରାଜନୈତିକ ଦଳ) ଏବଂ କଂଗ୍ରେସର ବିରୋଧୀଦଳର ନେତା ଜୟରାମ ରମେଶ ଏବଂ ତୃଣ ମୂଳର ମହୁଆ ମୋଇତ୍ର ସାମିଲ ଥିଲେ ।

ଆଜି ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ ଜେବି ପରଦିୱାଲା ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ଉପରେ ଶୁଣାଣି କରି ସ୍ଥଗିତାଦେଶ ଆବେଦନକୁ ଖାରଜ କରି ଦେଇଛନ୍ତି ।

# ୨୩ ଯାଏ ଇଡି ହେପାଜତକୁ ଗଲେ ଗିରଫ କେ କବିତା

**ନୂଆଦିଲ୍ଲୀ:** ଦିଲ୍ଲୀର ତଥାକଥିତ ଅବକାର ନୀତି ଦୁର୍ନୀତି ଘଟଣାରେ ଗିରଫ ହୋଇଥିବା ବିଆରଏସ୍ ମୁଖ୍ୟ କେସିଆରଙ୍କ ଝିଅ କେ କବିତାଙ୍କୁ କୌଣସି ଆଶ୍ୱସ୍ତି ମିଳିନାହିଁ । ତାଙ୍କୁ ଦିଲ୍ଲୀର ଗୋଟିଏ କୋର୍ଟ ଆସନ୍ତା ୨୩ ତାରିଖ ଯାଏ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ହେପାଜତକୁ ପଠାଇ ଦେଇଛନ୍ତି ।

ପ୍ରତ୍ୟାହୃତ ହୋଇ ସାରିଥିବା ଦିଲ୍ଲୀ ଅବକାରୀ ନୀତିରୁ ଫାଇଦା ହାସଲ କରିବା ପାଇଁ ସେ କ୍ଷମତାସୀନ ଆପର ବରିଷ୍ଠ ନେତାମାନଙ୍କ ସହ ମିଶି ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ହୋଇଛି । ଏହି କାରଣରୁ ଶୁକ୍ରବାର ଇଡି ଓ ଆୟକର ବିଭାଗ କେ କବିତାଙ୍କ ହାଇଦ୍ରାବାଦସ୍ଥିତ ବାସଭବନରେ ରେଡ କରିଥିଲେ । ଏହାପରେ ତାଙ୍କୁ ସନ୍ଧ୍ୟାରେ ଇଡି ଗିରଫ କରିଥିଲା । ଗିରଫ ପରେ ତାଙ୍କୁ ଦିଲ୍ଲୀ ଅଣାଯାଇଛି ।

ରାଉଜ ଆଭିନ୍ୟୁ କୋର୍ଟରେ କବିତାଙ୍କୁ ଇଡି ହାଜର କରିଥିଲା । କୋର୍ଟରୁ ଆଶ୍ୱସ୍ତି ପାଇବା ପାଇଁ କବିତାଙ୍କ ଓକିଲ କହିଥିଲେ ଯେ ଏହା ଦୁର୍ବ୍ୟବହାରର ପ୍ରକୃତ ଉଦାହରଣ । ଅଯଥାରେ କବିତାଙ୍କୁ ଇଡି



ଗିରଫ କରିଛି । କୌଣସି ପ୍ରମାଣ କିମ୍ବା ତଥ୍ୟ ନଥାଇ ତାଙ୍କୁ ଜାଣିଶୁଣି କ୍ଷମତାର ଅପବ୍ୟବହାର କରି ଗିରଫ କରାଯାଇଛି ବୋଲି କବିତାଙ୍କ ଓକିଲ କହିଥିଲେ ।

ହେଲେ କୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରି ନଥିଲେ । ଶେଷରେ କୋର୍ଟ ୨୩ ତାରିଖ ଯାଏ କବିତାଙ୍କୁ ଇଡି ରିମାଣ୍ଡରେ ପଠାଇ ଦେଇଛନ୍ତ । ଇଡି ତାଙ୍କୁ ୧୦ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା । ଦିଲ୍ଲୀର ତଥାକଥିତ ଅବକାରୀ ନୀତି ଦୁର୍ନୀତି ଘଟଣାର ଅନ୍ୟତମ ଅଭିଯୁକ୍ତ ହେଉଛନ୍ତି କେ କିବତା । ଘଟଣାରେ ଆୟକର ବିଭାଗ ଓ ଇଡି କବିତାଙ୍କ ବୟାନ ରେକର୍ଡ କରିବାକୁ ଚାହୁଁଥିବାରୁ ତାଙ୍କୁ ବାରମ୍ବାର ସମନ କରିଥିଲେ ।

କିନ୍ତୁ ସେ ତଦନ୍ତକାରୀ ସଂସ୍ଥା ସାମ୍ନାରେ ହାଜର ହେଉ ନଥିଲେ । ଏଥିପାଇଁ ଶୁକ୍ରବାର ଇଡି ଓ ଆୟକର ବିଭାଗରର ୧୦ ଜଣ ଅଧିକାରୀ ହାଇଦ୍ରାବାଦରେ ପହଞ୍ଚି କବିତାଙ୍କ ଘରେ ଛାନଭିନ କରିଥିଲେ । ଏହାପରେ ଇଡି ତାଙ୍କୁ ଗିରଫ କରିଥିଲା । ମଧ୍ୟରାତ୍ରରେ ତାଙ୍କୁ ଇଡି ଟିମ ସାଥୀରେ ଧରି ଦିଲ୍ଲୀରେ ପହଞ୍ଚିଥିଲା । ଏହାପରେ ମେଡିକାଲ ଟେଷ୍ଟ କରାଯାଇଥିଲା ।

ଦିଲ୍ଲୀର ଅବକାରୀ ନୀତିରୁ ଫାଇଦା ହାସଲ କରିବା ପାଇଁ କ୍ଷମତାସୀନ ଆପ୍‌କୁ ସାଉଥ ଗ୍ରୁପ ୧୦୦ କୋଟି ଟଙ୍କା ଦେଇଥିଲା । ଏହି ଗ୍ରୁପର ସଦସ୍ୟ ହେଉଛନ୍ତି କବିତା ବୋଲି ଇଡି ଚାର୍ଜଶିଟରେ ଅଭିଯୋଗ କରିଛି । ଏହି ତଥାକଥିତ ଦୁର୍ନୀତି ଘଟଣାରେ ସିବିଆଇର ଗୋଟିଏ ଟିମ କବିତାଙ୍କ ବୟାନ ୨୦୨୨ ମସିହା ଡିସେମ୍ବର ୧ରେ ରେକର୍ଡ କରିଥିଲା । ଦୀର୍ଘ ୭ ଘଣ୍ଟା କାଳ ତାଙ୍କୁ ଜେରା କରିଥିଲା ।

**TARIFF**

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |

**CONTACT**

6371417361 voiceofvictimsnews@gmail.com
www.voiceofvictims.co.in
**Follow / Like / Subscribe :**
Voice Of Victims News

Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
**Editor: Gyana Ranjan Mishra** **ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର**